## ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଦାୟିତ୍ୱ ଗ୍ରହଣ

# ରୂପାନ୍ତରଣରେ ଆଗୁଆ ହେବ ଦକ୍ଷିଣାଞ୍ଚଳ

**ବ୍ରହ୍ମପୁର, ୧।୨(ସମିସ)**

ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ରଞ୍ଜନ କୁମାର ଦାସ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡ଼ିସି) ଭାବେ ଗୁରୁବାର ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ଅବକାଶରେ ଦକ୍ଷିଣାଞ୍ଚଳ ରାଜସ୍ୱ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନଙ୍କ ସହିତ ସେ ଏକ ବୈଠକ କରିଥିଲେ। ରାଜସ୍ୱ ବିଭାଗର କାର୍ଯ୍ୟ ଗୁଡିକ ଯେଭଳି ଜନସାଧାରଣ ସୁବିଧାରେ ହାସଲ କରିବେ ସେହି ଦିଗରେ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ। ଜନ ସାଧାରଣ ଯେଭଳି ସରକାରଙ୍କ ଦ୍ୱାରା ପ୍ରଦତ୍ତ ସମସ୍ତ ସେବା ହାସଲ କରିବେ ସେନେଇ ଗୁରୁତ୍ୱ ଦେଇଥିଲେ। ଦାୟିତ୍ୱ ଗ୍ରହଣ ପରେ ଗଣମାଧ୍ୟମ ସାକ୍ଷାତକାରରେ ଆର୍‌ଡ଼ିସି ଶ୍ରୀ ଦାସ କହିଛନ୍ତି ଯେ, ବିକାଶର ଧାରାକୁ ତ୍ୱରାନ୍ୱିତ କରାଯିବ। ସରକାରଙ୍କ ପ୍ରାଧାନ୍ୟମୂଳକ ପ୍ରକଳ୍ପଗୁଡ଼ିକ ତୁରନ୍ତ କାର୍ଯ୍ୟକାରୀ ସହ ଠିକଣା ସମୟରେ ସରିବା ଦିଗରେ ଗୁରୁତ୍ୱ ଦିଆଯିବ। ପର୍ଯ୍ୟାୟକ୍ରମେ ସେ ପ୍ରତ୍ୟେକ ଜିଲ୍ଲାକୁ ପରିଦର୍ଶନ କରିବେ। ପ୍ରକଳ୍ପ ଲାଗି ଥିବା ଜମିଜମା ସମସ୍ୟା ଉପରେ ତୁରନ୍ତ ଧ୍ୟାନ ଦେଇ ସମାଧାନ କରିବେ।



ସେହିଭଳି ପୁରୀ ଶ୍ରୀ ମନ୍ଦିରର ପାଖାପାଖି ୧ଲକ୍ଷ ଏକର ଜମି ରାଜ୍ୟ ଓ ରାଜ୍ୟ ବାହାରେ ରହିଛି। ଏଗୁଡ଼ିକ କେଉଁଠାରେ ଅଛି, ତାହାର ହିସାବ ଠିକ ନଥିଲା। ସମ୍ପ୍ରତି ଏହାର ସର୍ଭେ ଲାଗି ଏକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ସାଟାଲାଇଟ ମାଧ୍ୟମରେ ଏଗୁଡ଼ିକର ସର୍ଭେ ବର୍ତ୍ତମାନ ଜାରି ରହିଛି। ଏହାର ଏନଫୋର୍ସମେଣ୍ଟ କରାଯିବ। ଏନେଇ ପ୍ରତି ଜିଲ୍ଲାରେ କୋଡ଼ିନେଟର ଅଫିସର ମଧ୍ୟ ନିଯୁକ୍ତ ହୋଇଛନ୍ତି। ସେମାନେ ଏହି ଜମିର ସୁରକ୍ଷା ଦାୟିତ୍ୱ ବୁଝିବେ। ବ୍ରହ୍ମପୁର ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର। ଏଠାରେ ସାମଗ୍ରିକ ବିକାଶ ହେଉଛି। ଛୋଟ ଛୋଟ ସହର ଗୁଡ଼ିକ ପାଇଁ ଏହି ସହର ନିଶ୍ଚିତ ପ୍ରେରଣାଦାୟୀ। ବୃହତ୍ତ ପ୍ରକଳ୍ପ ଓ ସହରର ବିକାଶ ଲାଗି ବିଏମସି ଓ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରାଯିବ ବୋଲି ଶ୍ରୀ ଦାସ କହିଛନ୍ତି। ଏସସିଇବି ଭଳି ଏମକେସିଜି ମେଡ଼ିକାଲକୁ ମଧ୍ୟ ନୂଆ ରୂପ ଦେବାଲାଗି ସରକାର ନିଷ୍ପତି ନେଇଛନ୍ତି। ଏହି କାର୍ଯ୍ୟ କିଭଳି ତ୍ୱରାନ୍ୱିତ ହେବ ସେଥିଲାଗି ବିଶେଷ ଗୁରୁତ୍ୱ ଦିଆଯିବ। ଏନେଇ ବିଭିନ୍ନ ବର୍ଗର ଲୋକଙ୍କ ମତାମତ ମଧ୍ୟ ସଂଗ୍ରହ ହେବ। ଗଞ୍ଜାମରେ ତାରାତାରିଣୀ ମନ୍ଦିରର ରୂପାନ୍ତରଣ ହୋଇଛି। ତାମ୍ପରା ହ୍ରଦ ଓ ଗୋପାଳପୁର ବେଳାଭୂମି ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ପାଇଛି। ବିକଶିତ ସହର ଭାବେ ବ୍ରହ୍ମପୁର ନିଜର ପରକାଷ୍ଠା ଦେଖାଇଛି ବୋଲି ସେ କହିଛନ୍ତି। ଦାୟିତ୍ୱ ଗ୍ରହଣ ବେଳେ ଆରଡ଼ିସି ଶ୍ରୀ ଦାସ ଲୋକଙ୍କ ସମସ୍ୟା ସମାଧାନକୁ ଅଗ୍ରାଧିକାର ଦେଇଛନ୍ତି। ଷ୍ଟାଫଙ୍କ ସହ ଆଲୋଚନା କରିଛନ୍ତି। ଫାଇଲ ବିଭାଗକୁ ତ୍ୱରାନ୍ୱିତ କରାଯିବା ଲାଗି 'ଓସଓାସ' ବ୍ୟବସ୍ଥାକୁ ସୁଦୃଢ଼ କରାଯିବ ବୋଲି କହିଛନ୍ତି। ଫଳରେ ଲୋକେ ଆରଡିସିଙ୍କ ସହିତ ସିଧାସଳଖ ଯୋଡ଼ି ହୋଇପାରିବେ। ସେହିଭଳି 'ଟିମ ୱାର୍କ' କରିବା ଲାଗି ଷ୍ଟାଫଙ୍କୁ ପରାମର୍ଶ ଦିଆଯାଇଛି। ସାଧାରଣ ଲୋକ ଯେପରି କିଭଳି ସମସ୍ତ ସୁବିଧା ପାଇପାରିବ ସେନେଇ କର୍ମଚାରୀଙ୍କୁ କୁହାଯାଇଛି। ଦକ୍ଷିଣାଞ୍ଚଳ ଦୂରବର୍ତ୍ତି ଅଞ୍ଚଳରେ ରୂପାନ୍ତରଣ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରାଯିବ। ଅନ୍ୟପକ୍ଷରେ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକାରୀ ବେଳକୁ ସେ ମନ୍ଦିରର ମୁଖ୍ୟ ପ୍ରଶାସକ ଥିଲେ। ସମସ୍ତ କାର୍ଯ୍ୟକୁ ସୂଚାରୁ ଭାପେ ସମ୍ପାଦନ କରିଥିଲେ। ଏହିକ୍ରମରେ ଦକ୍ଷିଣାଞ୍ଚଳର ସାମଗ୍ରିକ ବିକାଶ କ୍ଷେତ୍ରରେ ତାଙ୍କର ସ୍ୱତନ୍ତ୍ର ଦୃଷ୍ଟି ରହିବ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି।

# କୋର୍ଟପେଟା ସ୍କୁଲ ପରିଦର୍ଶନ କରି ପୁରୁଣା ସ୍ମୃତି ସାଉଁଟିଲେ ଆର୍‌ଡିସି

● ବୁଢ଼ୀ ଠାକୁରାଣୀ, ତାରାତାରିଣୀ ମନ୍ଦିର ଓ ଗଞ୍ଜାମ କଳା ପରିଷଦ ବୁଲି ଦେଖିଲେ



**ବ୍ରହ୍ମପୁର, ୧।୨(ସମିସ):** ବରିଷ୍ଠ ଆଇଏଏସ ଅଧିକାରୀ ରଞ୍ଜନ କୁମାର ଦାସ ତାଙ୍କ ହାଇସ୍କୁଲ ଜୀବନ ବ୍ରହ୍ମପୁରରେ ବିତାଇଥିଲେ। ୧୯୭୮ ମସିହାରେ ସ୍ତେ ସ୍ଥାନୀୟ କୋର୍ଟପେଟା ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ। ସମ୍ପ୍ରତି ସେ ଦକ୍ଷିଣାଞ୍ଚଳର ଆର୍‌ଡ଼ିସି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ କୋର୍ଟପେଟା ସ୍କୁଲ ପରିଦର୍ଶନ କରିଥିଲେ। ପୁରଣା ଦିନର ସ୍ମୃତି ସାଉଁଟିବା ସହ ସରକାରଙ୍କ ସ୍କୁଲ ରୂପାନ୍ତରଣ କାର୍ଯ୍ୟ ବୁଲି ଦେଖି ପ୍ରଶଂସା କରିଥିଲେ। ଏତେବର୍ଷ ପରେ ଏଠାକୁ ଆସିବାର ସୁଯୋଗ ପାଇବାରୁ ସେ ଖୁସିବ୍ୟକ୍ତ କରିଛନ୍ତି। ପିଲାମାନଙ୍କ ସହ ଆଲୋଚନା କରିବା ସହ ପାଠ ପଢ଼ା ସମ୍ପର୍କରେ ପଚାରି ବୁଝିଥିଲେ। ପିଲାମାନେ କୃତିତ୍ୱ ଅର୍ଜନ କରନ୍ତୁ ଆଗକୁ ଯାଆନ୍ତୁ ବୋଲି ସେ କହିଛନ୍ତି। ସ୍ମାର୍ଟ କ୍ଲାସରୁମରେ ପିଲାମାନେ ପଢ଼ିବାର ସୁବିଧା ପାଇ ପାରିଛନ୍ତି। ଆଶା ଓ ଆକାଂକ୍ଷା ପରିବର୍ତ୍ତନ ହୋଇଛି ବୋଲି ଶ୍ରୀ ଦାସ କହିଛନ୍ତି। ପରିଦର୍ଶନ ସମୟରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡାଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଶ୍ରୀ ଦାସ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପରେ ବ୍ରହ୍ମପୁର ସ୍ଥିତ ମା' ବୁଢୀ ଠାକୁରାଣୀ ମନ୍ଦିରର ଉନ୍ନୟନ କାର୍ଯ୍ୟ ତଦାରଖ କରିଥିଲେ। ସେହିଭଳି ଗଞ୍ଜାମ କଳା ପରିଷଦ କବି ସୂର୍ଯ୍ୟ ରଙ୍ଗ ମଞ୍ଚର ଚାଲୁଥିବା ମଞ୍ଚକାର୍ଯ୍ୟ ମଧ୍ୟ ତଦାରଖ କରିଥିଲେ। ଏହି କାର୍ଯ୍ୟ ଶୀଘ୍ର ସମାପନ କରିବା ପାଇଁ ସଂପୃକ୍ତ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଚକାପାଦ, ୧।୨(ସମିସ):** କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଲାଇନପଡ଼ାସ୍ଥିତ କେଆଇ ଜିଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଛି। ଉଦଯାପନ ଉତ୍ସବରେ ଅଧ୍ୟକ୍ଷ ଡ଼. ତ୍ରୈଲୋଚନ ସେନାପତି ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ସମିତିସଭ୍ୟା ମାମାଲି ନାୟକ, ବକ୍ତା ଭାବେ କେଆଇଜିଏ ନେମ କଲେଜ ର ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଅଧାପକ ରଞ୍ଜନ କୁମାର ରଥ ଯୋଗ ଦେଇ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ସମ୍ପର୍କରେ ବୁଝାଇଥିଲେ। ଏଥିରେ ଉକ୍ତ ବିଦ୍ୟାଳୟର ଛାତ୍ରୀ ୪୯ ଜଣ ଛାତ୍ରୀ ତାଲିମ ନେଇଥିଲେ। ଟଂଯୁକ୍ତା କହଁର ଓ କୃଷ୍ଣପ୍ରିୟା କହଁର ପ୍ରଶିକ୍ଷଣ ଦେଇଥିଲେ। ଅଧାପିକା ତଥା ସଂଯୋଜିକା ରଶ୍ମିତା ମହାକୁଡ଼ ପରିଚାଳନା କରିଥିଲେ।

## ଡକାୟତି ମାମଲାରେ ୩ ଅଭିଯୁକ୍ତ ଗିରଫ



**ଦିଗପହଣ୍ଡି, ୧।୨(ସମିସ):** ଦିଗପହଣ୍ଡି ପୋଲିସ ଏକ ଡକାୟତି ମାମଲାରେ ୩ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଦିଗପହଣ୍ଡି ଥାନା ଫାଶିଗୁଡା ଗ୍ରାମର ଅଜୟ ସେଠୀ, ପଦ୍ମନାଭପୁର ଆଦିତ୍ୟ ନାୟକ ଓ ଅଜିତ ସେଠୀ। ଗତ ମଙ୍ଗଳବାର ରାତିରେ କଇଁଠଖଣ୍ଡି ଗ୍ରାମର ଗଣେଶ ପଣ୍ଡା ବାଇକ ଯୋଗେ ଦିଗପହଣ୍ଡିରୁ ନିଜ ଗ୍ରାମକୁ ଫେରୁଥିବା ସମୟରେ ୩ ଅଭିଯୁକ୍ତ ଏକ ପଲସର ବାଇକରେ ମୁହଁରେ କଳାମୁଖା ପିନ୍ଧି ଘୋଡାହାଡ଼ ଡ୍ୟାମ ରାସ୍ତାର କୁଣିଆ ଗାଁ ନିକଟରେ ଅଟକାଇଥିଲେ। ଏହାପରେ ଅଭିଯୁକ୍ତମାନେ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ତାଙ୍କୁ ମାଡ଼ ମାରିବା ସହ ମନିପର୍ସରୁ ୩ ଶହ ଟଙ୍କା ଓ ଏକ ରୂପା ମୁଦି ଛଡ଼ାଇ ନେଇଥିଲେ। ଘଟଣାପରେ ଗଣେଶ ଥାନାରେ ଏତଲା ଦେଇଥିଲେ। ପୋଲିସ ଏତଲାକୁ ଭିତ୍ତିକରି ଥାନା ମାମଲା ନଂ. ୫୧/୨୪ ପ୍ରକାରେ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଥିବାବେଳେ ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଏକ ଖଣ୍ଡା, ମୋବାଇଲ ଓ ନଗଦ ଏକଶହ ଟଙ୍କା ଜବତ କରିଛନ୍ତି। ତେବେ ସମସ୍ତ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଦିଗପହଣ୍ଡି ଥାନାରେ ବହୁ ମାମଲା ରହିଥିବାବେଳେ ଗୁରୁବାର କୋର୍ଟଚାଲାଣ କରାଯାଇଛି।

## ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା



**ଦିଗପହଣ୍ଡି, ୧।୨(ସମିସ):** ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଭିଷ୍ଣଗିରୀ ରାମଜୀ ଡିଗ୍ରୀ ମହାବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ଆୟୋଜିତ ହୋଇଥିବା ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ଅଧ୍ୟକ୍ଷ ନିହାର ରଞ୍ଜନ କର ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ରୂପେ ପ୍ରାକ୍ତନ ଅଧ୍ୟକ୍ଷ ରଘୁନାଥ ନାୟକ, ସମ୍ମାନିତ ଅତିଥି ରୂପେ ରାମଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡଃ ଲକ୍ଷ୍ମୀକାନ୍ତ ମହାପାତ୍ର, ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟ ସଙ୍ଗଠକ ହରପ୍ରସାଦ ରଥ ଏବଂ ମୁଖ୍ୟବକ୍ତା ରୂପେ ସାହିତ୍ୟିକ, ଐତିହାସିକ ଓ ସଂସ୍କୃତି ଗବେଷକ ଅନନ୍ତରାମ କର କୌଣ୍ଡିନ୍ୟ ଯୋଗଦାନ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ନିମନ୍ତେ ଓଡ଼ିଶା ସରକାରଙ୍କ ଏହି ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ମଞ୍ଚାସୀନ ଅତିଥିଗଣ ନିଜ ଅଭିଭାଷଣ ମାଧ୍ୟମରେ କହିଥିଲେ। ନୋଡାଲ ଅଧିକାରୀ ଦେବଦତ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ ପ୍ରଦାନ କରାଯାଇଥିଲା। ଓଡ଼ିଆ ଅଧ୍ୟାପିକା ରଶ୍ମିତା କୁମାରୀ ମେକାପ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ସାନଖେମୁଣ୍ଡି, ୧।୨(ସମିସ):** ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ କଲରାପଦର ପଞ୍ଚାୟତ ଭୁଡ଼ିକି ଗ୍ରାମରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କଲରାପଦର ସରପଞ୍ଚ ଏସ.ସସ୍ମିତା ଦୋରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାନଖେମୁଣ୍ଡି ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ବ୍ଲକ ଅଧ୍ୟକ୍ଷ ସିମାଞ୍ଚଳ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ଏମ. ଯମୁନା ଦୋରା, ସରପଞ୍ଚ ପ୍ରତିନିଧି ଏସ. ସଞ୍ଜୟ ଦୋରା, ଚୁଡ଼ଙ୍ଗପୁର ସରପଞ୍ଚ ଜାଗିଲି ସେଠୀ, ପଟିଗୁଡା ସରପଞ୍ଚ ସିମାଞ୍ଚଳ ପାତ୍ର, ସାହସପୁର ସରପଞ୍ଚ ସୁଶାନ୍ତ ସେଠୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପରିଚ୍ଛା, ବ୍ଲକ ପ୍ରକଳ୍ପ ସଂଯୋଜକ ଦୁର୍ଯୋଧନ ମଲ୍ଲିକ ପ୍ରମୁଖ ଯୋଗଦାନ କରିଥିଲେ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ




**ବେଲଗୁଣ୍ଠା, ୧।୨(ସମିସ):** ବୁଧବାର ସନ୍ଧ୍ୟାରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ବେଲଗୁଣ୍ଠା ବଡଦାଣ୍ଡ ସ୍ଥିତ ସାଂସ୍କୃତିକ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଅରବିନ୍ଦ ଶିକ୍ଷା କେନ୍ଦ୍ର ସଭାପତି ତଥା ରୋଟାରୀ କ୍ଲବ୍ ଆସିଷ୍ଟାଣ୍ଟ ଗଭର୍ଣ୍ଣର ଭି.ଦେବୀପ୍ରସାଦ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ଫିରୋଜ କୁମାର ସେଠୀ ଯୋଗଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ବେଲଗୁଣ୍ଠା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରାକେଶ କୁମାର ପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପନଗରପାଳ ଟି. ବବିତା କୁମାରୀ, ଥାନା ଅଧିକାରୀ ବନବିହାରୀ ପ୍ରଧାନ, ବିଶିଷ୍ଟ ଶିକ୍ଷାବିତ ତଥା ଅନୁଷ୍ଠାନ ଉପଦେଷ୍ଟା ରବୀନ୍ଦ୍ର ନାଥ ଚୌଧୁରୀ, ବିଶିଷ୍ଟ ଆଇନଜୀବୀ ବିପିନ ବିହାରୀ ସାହୁ, ସମାଜସେବୀ ଟି. ବିଶ୍ୱନାଥ ପାତ୍ର, ଶିକ୍ଷାକେନ୍ଦ୍ରର ସମ୍ପାଦକ ବୁଲୁ ଦାଶ ଓ ଅଧ୍ୟକ୍ଷା ବାସନ୍ତି ଦାଶ ପ୍ରମୁଖ ମଞ୍ଚାସିନ ଥିଲେ। ଶିକ୍ଷାବିତ ତଥା ହାସ୍ୟ କଳାକାର ଅଜିତ କୁମାର ପଣ୍ଡା ମଞ୍ଚ ପରିଚାଳନା ସହ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରଧାନ ଆଚାର୍ଯ୍ୟା ବାସନ୍ତି ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ କୁନି କୁନି କଳାକାର ମାନେ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷା କେନ୍ଦ୍ରର ଅପା, ଭାଇ ମାନେ ସହଯୋଗ କରିଥିଲେ।

# ପଞ୍ଚାୟତସ୍ତରୀୟ ସଚେତନତା ଶିବିର



**ପୋଲସରା, ୧।୨(ସମିସ):** ପୋଲସରା ବ୍ଲକ ଅନ୍ତର୍ଗତ ନିମିନା ଓ ତୁଙ୍କାପଡ଼ା ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ନିମିନା ସରପଞ୍ଚ ମାମା ସାହୁ ଓ ତୁଙ୍କାପଡ଼ା ସରପଞ୍ଚ ସିମାଞ୍ଚଳ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଯୋଗ ଦେଇ ଉଭୟ ପଞ୍ଚାୟତରେ ହୋଇଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ରାଜେନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ଝୁନୁ ଦାସ, ବିକ୍ରମ କୁମାର ନାୟକ, ନିମିନା ସମିତି ସଭ୍ୟା ଉଷାରାଣୀ ସାହୁ ଓ ତୁଙ୍କାପଡ଼ା ସମିତିସଭ୍ୟା ସଂଯୁକ୍ତା ବାଡ଼ତ୍ୟା, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଣବ ପଟ୍ଟନାୟକ, ନିର୍ବାଚନ ମଣ୍ଡଳୀ ଯୁବ ବିଜେଡ଼ି ସଭାପତି ସୁଶାନ୍ତ କୁମାର ପୋଲେଇ, ସୁକାନ୍ତ କୁମାର ଭୂୟାଁ, ଯୁବ ସଙ୍ଗଠକ ନରେନ୍ଦ୍ର ଦେବତା, ସିଲୁ ଦଳେଇ, ତାପସ କୁମାର ସାହୁ, ବିପିଏମ୍ ଗଙ୍ଗାଧର ମିଶ୍ର, ସଂମ୍ପୃକ୍ତ ଏମବିକେ ତଥା ଲିଲି ପ୍ରଧାନ, ସୌଦାମିନୀ କରଣ, ବିଭାଗୀୟ ଅଧିକାରୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଗ୍ରାମବାସୀ, ସମସ୍ତ ୱାର୍ଡ ସଭ୍ୟସଭ୍ୟା ତଥା ନିର୍ବାଚିତ ପ୍ରମୁଖ ଉପସ୍ଥିତ ଥିଲେ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ



**ଗଞ୍ଜାମ, ୧।୨(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ଖଣ୍ଡଦେଉଳୀ ସହିଦ ଭଗତ ସିଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଉଦଯାପନୀ ସଭାରେ କଲେଜ ଅଧ୍ୟକ୍ଷ ଦିବାକର ସ୍ୱାଇଁ ସଭାପତତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ଼ଃ ଅଭିଜିତ ଖୁଣ୍ଟିଆ, ପ୍ରାଧ୍ୟାପକ ଅଭିମନ୍ୟୁ ସାହୁ, ଭଗବାନ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଶିକ୍ଷକ ତଥା ମାଷ୍ଟର ଟ୍ରେନର ଭାବେ ସଙ୍ଗୀତା ଓ ମମତା କଲେଜ ଛାତ୍ରୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଅଧ୍ୟାପିକା ମିନତୀ ରଥ ଆତ୍ମରକ୍ଷା କୌଶଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଅଧ୍ୟାପକ ଡ଼ଃ ଗୌରୀ ଶଙ୍କର ଶତପଥୀଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକ ତଥା ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ଦିଗପହଣ୍ଡି, ୧।୨(ସମିସ):** ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି କଲେଜରେ ଚାଲିଥିବା ଛାତ୍ରୀ ଆତସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ଅନୁପ କୁମାର ମିଶ୍ରଙ୍କ ଅଧ୍ୟକ୍ଷତା ଏବଂ ଅଧ୍ୟାପିକା ଡ. ନିର୍ମଳା ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପରିଚାଳନା ସଭାପତି ଡ. ସନ୍ଧ୍ୟାରାଣୀ ଦାଶ ମୁଖ୍ୟଅତିଥି ଏବଂ ପ୍ରାଧ୍ୟାପକ ଡ. ଅସିତ କୁମାର ଷଡ଼ଙ୍ଗୀ, ଅଧ୍ୟାପକ ଭବାନୀ ଶଙ୍କର ପାଣିଗ୍ରାହୀ, ଅଲେଖ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଶିକ୍ଷିତ ଛାତ୍ରୀ ମାନଙ୍କୁ ଆନସୁରକ୍ଷା କୌଶଳ ଗାଇଡ ପୁସ୍ତିକା ଏବଂ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ମାଷ୍ଟର ଟ୍ରେନର ଉଷାରାଣୀ ଦୋରା ଓ ଚାନ୍ଦନୀ ପ୍ରଧାନ ଶିବିର ପରିଚାଳନା କରିଥିଲେ।

## ଆମ ପୁଲିସ ସମିତି ବୈଠକ

**ଭଞ୍ଜନଗର, ୧।୨(ସମିସ):** ଭଞ୍ଜନଗର ବ୍ଲକ ବାରୁଡ଼ା ପଞ୍ଚାୟତ ବାଲିଆପଟା ଗ୍ରାମରେ ଆମ ପୁଲିସ ସମିତିର ୮୩ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଭଞ୍ଜନଗର ଥାନା ଅଧିକାରୀ ଭଗବାନ ପୂଜାରୀ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇ



ଆଇନ ଶୃଙ୍ଖଳା ଉପରେ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରିଥିଲେ। ପୁଲିସ ସମିତିର ସଭାପତି ଡ଼. କୃତ୍ତିବାସ ବିଶ୍ୱାଳ, ସଦସ୍ୟ ଡ଼. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଆୟୁଷ ଡାକ୍ତର ଗାୟତ୍ରୀ ସାହୁ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବାସନ୍ତୀ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ବିଭିନ୍ନ ସମସ୍ୟାର ସମାଧାନ ଉପରେ ମତ ଦେଇଥିଲେ। ଏଥିରେ ଅସହାୟଙ୍କୁ ଶୀତବସ୍ତ୍ର, ଯୁବକ ମାନଙ୍କୁ ପୋଷାକ, ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ଏଥିରେ ଆମ ପୁଲିସ ସମିତିର ସଦସ୍ୟ, ସମସ୍ତ ପୁଲିସ କର୍ମଚାରୀ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନାରେ ଗୋଷାଣି ବ୍ଲକର କୃତିତ୍ୱ



**ପାରଳାଖେମୁଣ୍ଡି, ୧।୨(ସମିସ)**

ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ବୁଧବାର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଗୋଷାଣି ବ୍ଲକର ନୂଆ କେରାଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଶ୍ରେଷ୍ଠ ଜିଲ୍ଲାସ୍ତରୀୟ ପ୍ରଧାନ ଶିକ୍ଷକ ଓ ଏହି ବିଦ୍ୟାଳୟକୁ ଶ୍ରେଷ୍ଠ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ରୂପେ ସମ୍ମାନିତ କରାଯାଇଥିଲା। ସେହିପରି ପଡୁଣୀ ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଜିଲ୍ଲାସ୍ତରୀୟ ଶ୍ରେଷ୍ଠ ପ୍ରଧାନ ଶିକ୍ଷୟିତ୍ରୀ ଓ ସେହି ବିଦ୍ୟାଳୟକୁ ଜିଲ୍ଲାସ୍ତରୀୟ ଶେଷ୍ଠ ବିଦ୍ୟାଳୟ ଭାବେ ସମ୍ମାନିତ କରାଯାଇଛି। ବ୍ଲକର ଗୋଲାଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଜିଲ୍ଲାସ୍ତରୀୟ ଶ୍ରେଷ୍ଠ ପ୍ରଧାନ ଶିକ୍ଷକ ଓ ସେହି ବିଦ୍ୟାଳୟକୁ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ସମ୍ମାନିତ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଉତ୍ସବରେ ନୂଆ କେରାଣ୍ଡି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏମ୍. ରବିକୁମାର ଓ ବରିଷ୍ଠ ଶିକ୍ଷକ ସଦାନନ୍ଦ ପାତ୍ର, ପଡୁଣୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଏମ୍. ସ୍ୱପ୍ନା କୁମାରୀ ଓ ବରିଷ୍ଠ ଶିକ୍ଷୟିତ୍ରୀ ଏବଂ ଗୋଲାଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀ ଚରଣ ଭୂପତି ଓ ବରିଷ୍ଠ ଶିକ୍ଷୟିତ୍ରୀଙ୍କୁ ମାନପତ୍ର ସହିତ ମେମୋଣ୍ଟ ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି।




### ଜାଲ୍ ସାର୍ଟିଫିକେଟ୍ ଜରିଆରେ ଶିକ୍ଷକ ନିଯୁକ୍ତି ମାମଲା

# ଗଞ୍ଜାମ ଜିଲ୍ଲାରେ ୧୧୨ ନକଲି ଶିକ୍ଷକ ଚିହ୍ନଟ: ୨ ଗିରଫ

ବ୍ରହ୍ମପୁର,୧।୨(ସମିସ):

ଜାଲ ସାର୍ଟିଫିକେଟ ଜରିଆରେ ଶିକ୍ଷକତା କରିବା ଭଳି ଘଟଣା ପଦାକୁ ଆସିବା ପରେ ରାଜ୍ୟବ୍ୟାପୀ ଏହାର ଖୋଳତାଡ ଆରମ୍ଭ ହୋଇଥିଲା। ଗଣଶିକ୍ଷା ବିଭାଗ ପକ୍ଷରୁ ସବୁ ଜିଲ୍ଲାରେ ଶିକ୍ଷକଙ୍କ ଶିକ୍ଷାଗତ ଯୋଗ୍ୟତା ସହ ସାର୍ଟିଫିକେଟ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି କ୍ରମରେ ସବୁ ଜିଲ୍ଲାରେ ଶିକ୍ଷକମାନଙ୍କ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିଲା। ଏନେଇ ଉଚ୍ଚ ନ୍ୟାୟାଳୟରେ ହୋଇଥିବା ଏକ ଜନସ୍ୱାର୍ଥ ମାମଲାରେ ସରକାରଙ୍କୁ ସତ୍ୟପାଠ ଦାଖଲ କରିବାକୁ ପଡିଥିବା ବେଳେ ଗଣଶିକ୍ଷା ବିଭାଗ ପକ୍ଷରୁ ସବୁ ଜିଲ୍ଲାର ଶିକ୍ଷାଧିକାରୀଙ୍କ ଠାରୁ ଯାଞ୍ଚ ରିପୋର୍ଟ ତଲବ କରାଯାଇଥିଲା। ଏହି କ୍ରମରେ ଗଞ୍ଜାମ ଜିଲ୍ଲାରୁ ମୋଟ ୧୧୨ଜଣ ନକଲି ଶିକ୍ଷକ ରହିଥିବା ଜଣାପଡିଥିଲା। ସେଥିମଧ୍ୟରୁ ବିଭିନ୍ନ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ରିପୋର୍ଟ ଆଧାରରେ ୧୦୬ଜଣଙ୍କ ନାମରେ ବିଭିନ୍ନ ଥାନାରେ ଲିଖିତ ଏତଲା ପରେ ମାମଲା ରୁଜୁ ହୋଇଛି। ଚିହ୍ନଟ ନକଲି ଶିକ୍ଷକଙ୍କ ମଧ୍ୟରୁ ୨ଜଣଙ୍କୁ ଇତିମଧ୍ୟରେ ଗିରଫ କରାଯାଇଥିବା ବେଳେ ୬୬ଜଣ ଶିକ୍ଷକଙ୍କୁ ଚାକିରିରୁ ଅଦ୍ୟାବଧି ବହିଷ୍କୃତ କରାଯାଇଥିବା ଜଣାପଡିଛି।




- **୧୦୬ଜଣଙ୍କ ନାମରେ ମାମଲା**
- **ବହିଷ୍କୃତ ହୋଇଛନ୍ତି ୬୬ଜଣ**
- **କବିସୂର୍ଯ୍ୟନଗର ବ୍ଲକରୁ ସର୍ବାଧିକ ୨୨ ନକଲି ଶିକ୍ଷକ ଚିହ୍ନଟ**

ସେହିଭଳି ଚିହ୍ନଟ ନକଲି ଶିକ୍ଷକଙ୍କ ମଧ୍ୟରୁ ମୋଟ ୧୯ଜଣଙ୍କ ବିରୁଦ୍ଧରେ ବିଭାଗୀୟ ତଦନ୍ତ ଜାରି ରହିଛି। ତେବେ ସବୁଠାରୁ ବଡକଥା ହେଲା ଜିଲ୍ଲାର ମୋଟ ୨୨ଟି ବ୍ଲକ ମଧ୍ୟରୁ କବିସୂର୍ଯ୍ୟନଗର ବ୍ଲକରୁ ସର୍ବାଧିକ ମୋଟ ୨୨ଜଣ ନକଲି ଶିକ୍ଷକଙ୍କୁ ଚିହ୍ନଟ କରାଯାଇଥିବା କହିଛନ୍ତି ଜିଲ୍ଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ। ଜିଲ୍ଲାରେ ଗିରଫ ହୋଇଥିବା ଦୁଇଜଣ ନକଲି ଶିକ୍ଷକ ହେଲେ ହିଞ୍ଜିଳିକାଟୁ ବ୍ଲକର ଲତିକା ବରାଡ ଓ କୁକୁଡ଼ାଖଣ୍ଡି ବ୍ଲକର ରଜିତ କୁମାର ବିଷୋୟୀ ବୋଲି ଜଣାପଡିଛି। ସେହିପରି ଚିହ୍ନଟ ନକଲି ଶିକ୍ଷକଙ୍କ ବିରୁଦ୍ଧରେ ଶିକ୍ଷାବିଭାଗ ପକ୍ଷରୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନକୁ ଚାଲେଞ୍ଜ କରି ୪୦ଜଣ ଶିକ୍ଷକ ଅଦାଲତର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଚିହ୍ନଟ ନକଲି ଶିକ୍ଷକଙ୍କ ମଧ୍ୟରୁ ଅଦ୍ୟାବଧି ୬୬ଜଣଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଥିବା ବେଳେ ୧୯ଜଣଙ୍କ ନାମରେ ବିଭାଗୀୟ ତଦନ୍ତ ଜାରି ରହିଛି। ସେଥିମଧ୍ୟରୁ କିଛି ଶିକ୍ଷକ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ବେଳେ ଅନେକ ନକଲି ଶିକ୍ଷକ ଫେରାର ଥିବା ଜଣାପଡିଛି। ଉକ୍ତ ନକଲି ଶିକ୍ଷକମାନେ ଆନ୍ଧ୍ରପ୍ରଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ନକଲି ସିଟି ଓ ବିଇଡି ସାର୍ଟିଫିକେଟ ହାସଲ କରି ନିଯୁକ୍ତି ପାଇଥିବା ଯାଞ୍ଚ ବେଳେ ଜଣାପଡିଥିଲା। ଆଉ କିଛି ନକଲି ଶିକ୍ଷକ ମିଥ୍ୟା ଜାତିଗତ ପ୍ରମାଣପତ୍ର ଦେଇଥିବା ବେଳେ କେତେକଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ନକଲି ଥିବା ତଦନ୍ତ ବେଳେ ଜଣାପଡିଥିଲା। ଏଭଳି ନକଲି ଶିକ୍ଷକମାନେ ବର୍ଷ ବର୍ଷ ଧରି ରାଜକୋଷରୁ ମୋଟା ଅଙ୍କର ଅର୍ଥ ଲୁଟିବାରେ ଲାଗିଥିଲେ। ତେବେ ଟଙ୍କା ଫେରସ୍ତ ନିମନ୍ତେ ଶିକ୍ଷାବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନଥିବା ଜଣାପଡିଛି। ତଦନ୍ତ ବେଳେ ଏଭଳି ୧୧୨ଜଣ ନକଲି ଶିକ୍ଷକଙ୍କୁ ଶିକ୍ଷାବିଭାଗ ପକ୍ଷରୁ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ଆସିକା ବ୍ଲକରୁ ୧୦ଜଣ, ବେଗୁନିଆପଡାର ୧୧ଜଣ, ଭଞ୍ଜନଗରରୁ ଜଣେ, ବେଲଗୁଣ୍ଠା ଓ ବୁଗୁଡାରୁ ଜଣେ ଲେଖାଏଁ, ଛତ୍ରପୁରରୁ ୬ଜଣ, ଚିକିଟିରୁ ଜଣେ, ଧରାକୋଟର ୧୪ଜଣ, ଗଞ୍ଜାମର ୩ଜଣ, ଦିଗପହଣ୍ଡିରୁ ୧୪ଜଣ, ହିଞ୍ଜିଳିକାଟୁର ଜଣେ, ଜଗନ୍ନାଥପ୍ରସାଦରୁ ଜଣେ, କବିସୂର୍ଯ୍ୟନଗରରେ ସର୍ବାଧିକ ୨୨ଜଣ, ଖଲ୍ଲିକୋଟର ୧୪ଜଣ, କୁକୁଡ଼ାଖଣ୍ଡିରୁ ଜଣେ, ପାତ୍ରପୁର ବ୍ଲକରୁ ୫ଜଣ, ପୋଲସରାର ୩ଜଣ, ପୁରୁଷୋତ୍ତମପୁରରୁ ୬ଜଣ, ରଙ୍ଗେଇଲୁଣ୍ଡାର ୪ଜଣ, ସାନଖେମୁଣ୍ଡିର ଜଣେ, ଶେରଗଡ଼ରୁ ୨ଜଣ ଓ ସୋରଡାରୁ ୩ଜଣ ନକଲି ଶିକ୍ଷକଙ୍କୁ ଚିହ୍ନଟ କରାଯାଇଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ସେପଟେ ବର୍ତ୍ତମାନ ମଧ୍ୟ ଅନେକ ବ୍ଲକରେ ବହୁ ନକଲି ଶିକ୍ଷକ ଶିକ୍ଷାଦାନ କରୁଥିବା ଅଭିଯୋଗ ହୋଇଛି। ତୁରନ୍ତ ସମସ୍ତ ନକଲି ଶିକ୍ଷକଙ୍କୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହୋଇଛି। ନକଲି ଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ ଯୋଗୁଁ ଏହାର ପ୍ରଭାବ କୋମଳମତି ଛାତ୍ରଛାତ୍ରୀଙ୍କ ସହିତ ଶିକ୍ଷାବ୍ୟବସ୍ଥା ଉପରେ ମଧ୍ୟ ପଡୁଛି। ଗୋଟିଏ ପକ୍ଷରେ ଅସଲି ସାର୍ଟିଫିକେଟ ନେଇ ଚାକିରି ନିମନ୍ତେ ମେଧାବୀ ଛାତ୍ରଛାତ୍ରୀ ବିଭିନ୍ନ ସ୍ଥାନ ବୁଲୁଥିବା ବେଳେ ଅନ୍ୟପକ୍ଷରେ ନକଲି ସାର୍ଟିଫିକେଟ ଜରିଆରେ ଶିକ୍ଷକତା କରୁଥିବା ଚିନ୍ତା ଓ ପରିତାପର ବିଷୟ ହୋଇଛି। ନକଲି ଶିକ୍ଷକଙ୍କୁ ନେଇ ଆସିଥିବା ଅଭିଯୋଗ ଆଧାରରେ ଏକ ସ୍ୱତନ୍ତ୍ର କମିଟି ଜରିଆରେ ଯାଞ୍ଚ କରାଯାଉଛି। କୌଣସି ଶିକ୍ଷକଙ୍କ ସାର୍ଟିଫିକେଟ ନକଲି ବୋଲି ଜଣାପଡେ ସେମାନଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବର୍ତ୍ତମାନ ମଧ୍ୟ ଏନେଇ ଯାଞ୍ଚ ଓ ତଦନ୍ତ ଜାରି ରହିଛି। ଯାଞ୍ଚ ଶେଷବେଳକୁ ଆହୁରି କିଛି ନକଲି ଶିକ୍ଷକ ଚିହ୍ନଟ ହେବାର ଅଶଙ୍କା ରହିଥିବା କହିଛନ୍ତି ଜିଲ୍ଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ।

## ଜେଲ୍ ଫେରନ୍ତା ସନ୍ତୋଷକୁ ଆକ୍ରମଣ ସହ ହତ୍ୟା ଧମକ ଅଭିଯୋଗ

### ପୂର୍ବତନ ମେୟର ପିଣ୍ଟୁ ଦାଶଙ୍କ ଗାଡି ଉପରକୁ ବୋମାମାଡ଼ ଘଟଣାରେ ଜେଲ ଯାଇଥିଲେ

**ବ୍ରହ୍ମପୁର,୧।୨(ସମିସ):** ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ କାଲୁଆ ସାହିର ଜଣେ ଦୁର୍ଦ୍ଧାନ୍ତ ଅପରାଧି ସନ୍ତୋଷ ସାହୁ ଓରଫ ଡାକ୍ତରଙ୍କୁ ଆକ୍ରମଣ ସହ ହତ୍ୟାଧମକ ହୋଇଥିବା ଅଭିଯୋଗ ହୋଇଛି। ଡାକ୍ତରଙ୍କ ନାମରେ ବିଭିନ୍ନ ଥାନାରେ ବହୁ ମାମଲା ରହିଥିବା ବେଳେ ନିକଟରେ ସେ ପୂର୍ବତନ ମେୟର ପିଣ୍ଟୁ ଦାଶଙ୍କ ଗାଡି ଉପରକୁ ବୋମାମାଡ ଘଟଣାରେ ଗିରଫ ହୋଇ ଜେଲ ଯାଇଥିଲେ। ଜେଲରୁ ଜାମୀନରେ ମୁକୁଳିବା ପରେ ତାଙ୍କ ଜୀବନପ୍ରତି ବିପଦ ଥିବା ଦର୍ଶାଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ ଯେ, ଗତ ୨୯ତାରିଖ ରାତିରେ ସ୍ଥାନୀୟ କାଲୁଆ ସାହି ନିବାସୀ ସନ୍ତୋଷ ସାହୁ ଓରଫ ଡାକ୍ତର ନିଜ ଘର ବାରଣ୍ଡାରେ ବସିଥିବା ବେଳେ ଏକ ଡିଜେ ଗାଡି ମାତ୍ରାଧିକ ସାଉଣ୍ଡ ଦେଇ ଯାଉଥିଲା। ଏହି ସମୟରେ ଡାକ୍ତର ଡିଜେ ଗାଡିରେ ନିୟୋଜିତ ବ୍ୟକ୍ତିଙ୍କୁ ସାଉଣ୍ଡ କମାଇବାକୁ କହିଥିଲେ। ଏତିକିରେ ହଠାତ ଡ଼ିଜେ କର୍ମଚାରୀ ଓ ମୀନକେତନ ସାହୁ ନାମକ ଜଣେ ଯୁବକ ଆସି ଡାକ୍ତରଙ୍କୁ ଗାଳିଗୁଲଜ କରିବା ସହ ଯୁକ୍ତିତର୍କ କରିଥିଲେ। ପରେ ଡାକ୍ତର ନିଜଘରକୁ ଚାଲିଯାଇଥିଲେ। କିଛି ସମୟପରେ ମୀନକେତନ ଓ ତାଙ୍କର ଅନ୍ୟ ୫ଜଣ ସହଯୋଗୀ ଆସି ଡାକ୍ତରଙ୍କୁ ଘରବାହାରକୁ ଟାଣିଆଣି ମାଡ ମାରିଥିବା ଅଭିଯୋଗ ହୋଇଛି। ନିଜର ଭୁଲ ହୋଇଥିବା ସ୍ୱୀକାର କରିବା ସତ୍ତ୍ୱେ ମଧ୍ୟ ଦୁର୍ବୃତ୍ତମାନେ ଡାକ୍ତରଙ୍କୁ ମାଡମାରି ଚାଲିଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ଏଥି ସହିତ ଡାକ୍ତରଙ୍କ ଘରର ଟେବୁଲ ଚେୟାର ଓ ଗାଡ଼ିକୁ ଲୁହାରଡ଼ରେ ପିଟି ଭାଙ୍ଗି ଦେଇଥିଲେ। ଏପରିକି ଡାକ୍ତରକୁ ଜୀବନରୁ ମାରିବା ପାଇଁ ଅର୍ଡର ମିଳିଗଲା କହି ସେମାନେ ତାଙ୍କୁ ଧମକ ଦେଇଥିବା ନେଇ ନିଜେ ଡାକ୍ତର ଅଭିଯୋଗ କରିଛନ୍ତି। ଡାକ୍ତର କିଛି ମାସ ପୂର୍ବେ ବ୍ରହ୍ମପୁର ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁଙ୍କ ଗାଡ଼ି ଉପରକୁ ବୋମାମାଡ କରିବା ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଗିରଫ ହୋଇ ଜେଲ ଯାଇଥିଲେ। କିଛି ମାସ ପୂର୍ବରୁ ସେ ଜାମୀନରେ ଜେଲରୁ ମୁକୁଳିଥିବା ବେଳେ ତାଙ୍କୁ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏଭଳି ଧମକ ହେଉଥିବା ଅଭିଯୋଗ ରହିଛି। ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

## ଗ୍ରାହକ କୈନ୍ଦ୍ରିକ ପଦକ୍ଷେପରେ ଆଗୁଆ ଟିପିଏସ୍ଓଡିଏଲ୍

**ବ୍ରହ୍ମପୁର,୧।୨(ସମିସ):** ଉପଭୋକ୍ତାଙ୍କ ସନ୍ତୁଷ୍ଟିକୁ ପ୍ରାଥମିକତା ଦେଇ ଟିପିଏସ୍ଓଡିଏଲ୍ (ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍) ପକ୍ଷରୁ ଅନେକ ଗ୍ରାହକ କୈନ୍ଦ୍ରିକ ପଦକ୍ଷେପ ଗ୍ରହଣ କରାଯାଇଛି। ସେବାଗୁଡ଼ିକ ଉପଭୋକ୍ତା ମାନେ ସହଜରେ ଓ ବିଶେଷ କରି ହାତ ପାଆନ୍ତାରେ ପାଇ ପାରୁଛନ୍ତି। ଉପଭୋକ୍ତା ମାନେ ବିଦ୍ୟୁତ ସେବା ସମ୍ପର୍କିତ ଯେକୌଣସି ପ୍ରଶ୍ନ ତଥା ସୂଚନା ଓ ସେବା ପାଇଁ ଟିପିଏସ୍ଓଡିଏଲର ୨୪ ଘଣ୍ଟିଆ ନିଃଶୁଳ୍କ ହେଲ୍ପଲାଇନ ନମ୍ବର ୧୮୦୦-୩୪୫-୬୭୯୭ କିମ୍ବା ୧୯୧୨ରେ ଯୋଗାଯୋଗ କରିପାରିବେ। ସେହିଭଳି କମ୍ପାନୀ ନୂତନ ବିଦ୍ୟୁତ ସଂଯୋଗ ପ୍ରକ୍ରିୟାର ସରଳୀକରଣ କରିଛି। ୭୦୦୮୦୮୮୮୮ରେ ମିସ୍ଡ କଲ୍ ଦେଇ କିମ୍ବା 'ମୋ ବିଦ୍ୟୁତ' ପୋର୍ଟାଲ ମାଧ୍ୟମରେ ନୂଆ ବିଦ୍ୟୁତ ସଂଯୋଗ ନିଆଯାଇପାରିବ। ସେହିଭଳି ବିଦ୍ୟୁତ ଚୋରିର ମୁକାବିଲା କରିବା ପାଇଁ ଉପଭୋକ୍ତାମାନେ ଉତ୍ସର୍ଗୀକୃତ ମୋବାଇଲ ନମ୍ବର ୯୭୭୭୦୯୭୪୪୯ କିମ୍ବା ଇମେଲ ଯୋଗେ ଅଭିଯୋଗ ଦାଖଲ କରିପାରିବେ। ବିଦ୍ୟୁତ ସଂଯୋଗ କ୍ଷେତ୍ରରେ କୌଣସି ଅନୈତିକ କାର୍ଯ୍ୟକଳାପ ନଜରକୁ ଆସିଲେ ହ୍ୱାଟସଆପ ନମ୍ବର ୯୭୭୭୯୭୭୬୨୦ରେ ଯୋଗାଯୋଗ କରି ଘଟଣା ସମ୍ପର୍କରେ ଜଣାଇପାରିବେ। ଇମେଲ ମାଧ୍ୟମରେ ମଧ୍ୟ ସୂଚନା ପ୍ରଦାନ କରାଯାଇପାରିବ। ଅପରପକ୍ଷରେ ଅସୁରକ୍ଷିତ ତଥା ବିପଦ ସଂକୁଳ ଭିତ୍ତିଭୂମି ସମ୍ପର୍କରେ ସୂଚନା କିଭଳି ଭାବେ ତୁରନ୍ତ କମ୍ପାନୀ ନିକଟରେ ପହଞ୍ଚିବ, ସେଥିପାଇଁ "ସୁରକ୍ଷା ପ୍ରହରୀ'ନାମକ ଆପ ରହିଛି। ଏହି ଆପ ଜରିଆରେ ଉପଭୋକ୍ତା ତଥା ସାଧାରଣ ଲୋକେ କମ୍ପାନୀର ବିଦ୍ୟୁତ ଭିତ୍ତିଭୂମି ତଥା କାର୍ଯ୍ୟକ୍ଷେତ୍ରରେ ଥିବା ଅସୁରକ୍ଷିତ ପରିବେଶ ସମ୍ପର୍କରେ ଟିପିଏସ୍ଓଡିଏଲକୁ ଅବଗତ କରାଇପାରିବେ। ଯାହାଫଳରେ ସୁରକ୍ଷା ମାନଦଣ୍ଡକୁ ତୁରନ୍ତ ସୁନିଶ୍ଚିତ କରାଯାଇପାରିବ। ଏହା ସହ କମ୍ପାନୀ ଡିଜିଟାଲ ଉପାୟରେ ବିଦ୍ୟୁତ ଦେୟ ପୈଠକୁ ପ୍ରାଥମିକତା ଦେଉଛି। ଏହିକ୍ରମରେ ଅନଲାଇନ ଉପାୟରେ ମାଇଁ ଟାଟା ପାୱାର ଆପ୍ କିମ୍ବା ଅନ୍ୟ କୌଣସି ଅନଲାଇନ ପ୍ଲାଟଫର୍ମ ଜରିଆରେ ବିଦ୍ୟୁତ ଦେୟ ପୈଠ କଲେ ୪ ପ୍ରତିଶତର ରିହାତି ବ୍ୟବସ୍ଥା ରହୁଛି। ଏହା ସହଜ, ସୁବିଧାଜନକ ଓ ନିରାପଦ ବୋଲି ଟିପିଏସଓଡ଼ିଏଲ ପକ୍ଷରୁ କୁହାଯାଇଛି।

- **ଟୋଲ୍ ଫ୍ରି ସେବା, ନୂତନ ସଂଯୋଗ ପାଇଁ ଅନ୍‌ଲାଇନ୍ ବ୍ୟବସ୍ଥା**
- **ଡିଜିଟାଲ ଉପାୟରେ ବିଜୁଳି ବିଲ୍ ଦେଲେ ୪ ପ୍ରତିଶତ ରିହାତି**

### ପିତ୍ତଳ ଓ କଂସାବାସନ ଚୋରି ଘଟଣା

## ଦୁର୍ଦ୍ଧାନ୍ତ ଅପରାଧୀ ସହ ୨ ଗିରଫ

**ବ୍ରହ୍ମପୁର,୧।୨(ସମିସ):** ସ୍ଥାନୀୟ ସୁକୁଣ୍ଡା ଗ୍ରାମର ଏକ ଦୋକାନରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ପିତ୍ତଳ ଓ କଂସା ବାସନ ସାମଗ୍ରୀ ଚୋରି ଅଭିଯୋଗରେ ବଡବଜାର ଥାନା ପୁଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦୁଇଜଣ ହେଲେ ଦୁର୍ଦ୍ଧାନ୍ତ ଅପରାଧୀ ତଥା ଫାଷ୍ଟଗେଟ ଧୋବାବନ୍ଧ ହୁଡ଼ା ସାହିର ଅମିତ ବାହାଦୂର(୩୨) ଓ ଚୋରି ସାମଗ୍ରୀ କିଣିଥିବା ଅଭିଯୋଗରେ ପିତଳ ସାମଗ୍ରୀ ଦୋକାନୀ ତଥା ଲାଠିର ବାଲିବାଡ଼ସାହିର ପ୍ରଦ୍ୟୁମ୍ନ ସେନାପତି(୬୫)। ଏହି ଘଟଣାରେ ଫାଷ୍ଟଗେଟ ବର୍ମା କଲୋନୀର ଜଗା ସ୍ୱାଇଁ(୩୨)ଙ୍କ ସମ୍ପୃକ୍ତି ଥିବା ପୁଲିସ ସ୍ପଷ୍ଟ କରିଛି। ଜଗା ଫେରାର ଥିବା ବେଳେ ତାକୁ ଧରିବାକୁ ପୁଲିସ ପକ୍ଷରୁ ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ଚ÷ଉ ଜାରି ରହିଛି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ଚୋରିସାମଗ୍ରୀ ଯଥା ୩ଟି ବେଲ,୧୦କିଲୋ ଓଜନର ପ୍ଲେଟ ସାମଗ୍ରୀ, ୪କିଲୋ କ୍ଷୁଦ୍ରପାତ୍ର ସାମଗ୍ରୀ ଓ ୩କିଲୋ ଓଜନର ବଡହାଣ୍ଡି ଉଦ୍ଧାର ହୋଇଛି। ଉଦ୍ଧାର ସାମଗ୍ରୀକୁ ଅଭିଯୋଗକାରୀଙ୍କୁ ହସ୍ତାନ୍ତର କରାଯାଇଥିବା ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି। ଗିରଫ ଅମିତ ନାମରେ ପୂର୍ବରୁ ବହୁ ଅପରାଧିକ ମାମଲା ରହିଛି। ସୂଚନାଯୋଗ୍ୟ ଯେ, ସୁକୁଣ୍ଡା ଗ୍ରାମରେ ଶିଶିର ମହାରଣାଙ୍କ ଏକ ଦୋକନ ରହିଛି। ଗତ ୨୩ତାରିଖ ରାତିରେ ଶିଶିର ଦୋକନ ବନ୍ଦ କରି ଘରକୁ ଫେରିଥିଲେ। କୌଣସି ଦୁର୍ବୃତ୍ତ ଉକ୍ତ ଦୋକନର ତାଲା ଭାଙ୍ଗି ଦୋକାନ ଭିତରେ ଥିବା ପ୍ରାୟ ଏକ ଲକ୍ଷ ଟଙ୍କା ମୂଲ୍ୟର କଂସାବାସନ ଓ ପିତଳ ସାମଗ୍ରୀ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ବଡବଜାର ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ଓ ଏସଆଇ ପ୍ରମୋଦ କୁମାର ପାଣି ଉକ୍ତ ଘଟଣାର ତଦନ୍ତ କରି ପ୍ରଥମେ ଅଭିଯୁକ୍ତ ଅମିତ ବାହାଦୂରକୁ ଗିରଫ କରିଥିଲେ। ଅମିତକୁ ଜେରା ସମୟରେ ଏଥିରେ ଜଗା'ର ସମ୍ପୃକ୍ତି ଥିବା ପୁଲିସ ଜାଣିପାରିଥିଲା। ଉଭୟେ ଚୋରି କରିବା ପରେ ଉକ୍ତ ସାମଗ୍ରୀକୁ ନେଇ ପ୍ରଦ୍ୟୁମ୍ନଙ୍କ ଦୋକନରେ ବିକ୍ରି କରିଥିଲେ। ତେଣୁ ପୁଲିସ ଚୋରିସାମଗ୍ରୀ କ୍ରୟ କରିଥିବା ଅଭିଯୋଗରେ ଦୋକାନୀ ପ୍ରଦ୍ୟୁମ୍ନଙ୍କୁ ମଧ୍ୟ ଗିରଫ କରି କୋର୍ଟଚାଲାଣ କରିଥିବା ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି।



## ସ୍ତ୍ରୀକୁ ଆକ୍ରମଣ ଅଭିଯୋଗରେ ସ୍ୱାମୀ ଗିରଫ

**ବ୍ରହ୍ମପୁର,୧।୨(ସମିସ):** ଜଣେ ମହିଳାଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ମହିଳା ଥାନା ପୁଲିସ ଅଭିଯୋଗକାରିଣୀଙ୍କ ସ୍ୱାମୀକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ବ୍ୟକ୍ତି ଜଣକ ଲାଞ୍ଜିପଲ୍ଲୀ ଦୀପସାହିର ନରସିଂହ ସବର(୨୨)। ସୂଚନାଯୋଗ୍ୟ ଯେ, ନରସିଂହ ୩ବର୍ଷ ପୂର୍ବେ ଗୋଷାଣିନୂଆଗାଁ ଥାନା ଅଞ୍ଚଳର ପାର୍ବତୀ ବାଙ୍ଗାରୀ(୨୦)ନାମକ ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ବିବାହର କିଛି ଦିନପରେ ପାର୍ବତୀକୁ ନରସିଂହ ଉଭୟ ମାନସିକ ଓ ଶାରିରୀକ ନିର୍ଯ୍ୟାତନା ଦେବା ଆରମ୍ଭ କରିଦେଇଥିଲେ। ଗତବର୍ଷ ଜୁନ ୭ତାରିଖ ସନ୍ଧ୍ୟାରେ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ସ୍ତ୍ରୀ ପାର୍ବତୀଙ୍କ ତଣ୍ଟିକୁ ଚିପି ଧରିବା ସହ ନରସିଂହ ମାଡ ମାରିଥିଲେ। ଯାହାଫଳରେ ପାର୍ବତୀ ଆହତ ହୋଇ ସ୍ଥାନୀୟ ସିଟି ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ଜୁନ ୮ତାରିଖରେ ଘଟଣାକୁ ନେଇ ପାର୍ବତୀ ମହିଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ଗୁରୁବାର ଫେରାର ଅଭିଯୁକ୍ତ ତଥା ପାର୍ବତୀଙ୍କ ସ୍ୱାମୀ ନରସିଂହକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି।

## 'ଷ୍ଟାର୍ଟ ଅପ୍ ଓଡ଼ିଶା' କାର୍ଯ୍ୟକ୍ରମରେ ବ୍ରହ୍ମପୁର ଆଇଟିଆଇର ସଫଳତା

**ବ୍ରହ୍ମପୁର,୧।୨(ସମିସ):** ଭୁବନେଶ୍ୱର ପଟିଆ ସ୍ଥିତ "ଡି-ହବ'ରେ ଅନୁଷ୍ଠିତ "ଷ୍ଟାର୍ଟ ଅପ୍ ଓଡ଼ିଶା' କାର୍ଯ୍ୟକ୍ରମରେ ବ୍ରହ୍ମପୁର ଆଇଟିଆଇ ବିଜେତା ଭାବେ ବିବେଚିତ ହୋଇଛି। ଏଥିନିମନ୍ତେ ଆର୍ଥିକ ପୁରସ୍କାର ବାବଦକୁ ଅନୁଷ୍ଠାନକୁ ୩ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ବୁଧବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଶିଳ୍ପ ତାଲିମ କେନ୍ଦ୍ର, ବ୍ରହ୍ମପୁର ଆଇଜର ସମେତ ବହୁ ବୈଷୟିକ ଶିକ୍ଷାନୁଷ୍ଠାନ ପକ୍ଷରୁ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ବ୍ରହ୍ମପୁର ଆଇଟିଆଇ ପକ୍ଷରୁ "ପ୍ରେସ ଫିଟ୍ ପୁସ୍' ନାମରେ ଫିଉଜ୍ ମରାମତି ପ୍ରକଳ୍ପ ପ୍ରଦର୍ଶନୀ କରାଯାଇଥିଲା। ସାଧାରଣ କୌଣସି ବିଦ୍ୟୁତ୍ ଖୁଣ୍ଟରେ ଫିଉଜ ପକାଇବାକୁ ହେଲେ ୨ରୁ ୩ଜଣ ବ୍ୟକ୍ତିର ଆବଶ୍ୟକତା ପଡ଼େ। ଫଳରେ ଅନେକ ସମୟରେ କର୍ମଚାରୀ ଅଭାବରୁ ସଠିକ୍ ସମୟ କାମ ହୋଇନଥାଏ। ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ଆଇଟିଆଇର ବିଦ୍ୟାର୍ଥୀ ଓ ଟାଟା ପାୱାରର ମିଳିତ ଆନୁକୂଲ୍ୟରେ "ପ୍ରେସ ଫିଟ୍ ପୁସ୍' ନିର୍ମାଣ କରାଯାଇଥିଲା। ଏହି ପ୍ରକଳ୍ପ ସମସ୍ତଙ୍କୁ ଆକୃଷ୍ଟ କରିଥିବା ବେଳେ ଷ୍ଟାର୍ଟ ଅପ୍ ଓଡ଼ିଶା କାର୍ଯ୍ୟକ୍ରମରେ ବ୍ରହ୍ମପୁର ଆଇଟିଆଇ ବିଜେତା ଭାବେ ଘୋଷଣା ହୋଇଥିବା ଆଇଟିଆଇ ଅଧ୍ୟକ୍ଷ ଡ଼କ୍ଟର ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଅନୁଷ୍ଠାନର ଏଭଳି ସଫଳତାକୁ ନେଇ ଅଧ୍ୟକ୍ଷ ଡ଼ ପାଣିଗ୍ରାହୀ ଓ ବିଭାଗୀୟ ମୁଖ୍ୟ ଉଷା ପାଢୀଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ବିଦ୍ୟାର୍ଥୀଙ୍କ ଶୁଭେଚ୍ଛା ଜଣାଇଛନ୍ତି।




# କେନ୍ଦ୍ର ବଜେଟ ନେଇ ବିଭିନ୍ନ ମହଲରୁ ପ୍ରତିକ୍ରିୟା ...

ବ୍ରହ୍ମପୁର,୧।୨(ସମିସ):

ଗୁରୁବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ବଜେଟ ଉପସ୍ଥାପନ ହୋଇଛି। ଏନେଇ ବ୍ରହ୍ମପୁର ସହରର ବୁଦ୍ଧିଜୀବୀ, ଅର୍ଥନୈତିଜ୍ଞ, ବ୍ୟବସାୟୀ ସମେତ ବିଭିନ୍ନ ମହଲରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନେକ ଏହାକୁ ମଧ୍ୟବର୍ତ୍ତୀ ବଜେଟ କହିଥିବା ବେଳେ ଆଉ କେତେକ ଏହା ପ୍ରତାରଣାପୂର୍ଣ୍ଣ ବୋଲି ଅବିହିତ କରିଛନ୍ତି।

ପ୍ରତିକ୍ରିୟା...

### ନୂତନତ୍ୱ ନାହିଁ, କେବଳ ଉପଲବ୍ଧି ବର୍ଣ୍ଣିତ ବଜେଟ୍

କେନ୍ଦ୍ର ସରକାରଙ୍କ ଦ୍ୱାରା ଆଗତ ବଜେଟରେ କିଛି ନୂତନତ୍ୱ ନାହିଁ। କିଛି ଗୁରୁତ୍ୱପୂର୍ଣ୍ଣ ଯୋଜନା ମଧ୍ୟ ସ୍ଥାନ ପାଇନି। ଏଥିରେ ଟ୍ୟାକ୍ସ ପରିବର୍ତ୍ତନ ହୋଇଛି। କର୍ପୋରେଟ ଟ୍ୟାକ୍ସ କମିଛି। ଯୋଜନା ଗୁଡ଼ିକ ଭିତରେ ସରକାର ନିଜର ଉପଲବ୍ଧି ହିଁ ବର୍ଣ୍ଣନା କରିଛନ୍ତି। ଏମଜିଏଆରଇଜିଏ ଓ ଆୟୁଷ୍ମାନ ଭାରତକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ସାମାଜିକ ଓ ଡ଼ିଜିଟାଲ ଭିତ୍ତିଭୂମି ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। ତିନୋଟି ମୁଖ୍ୟ ରେଳପଥ ଲାଗି ସରକାର ଗୁରୁତ୍ୱ ଦେଇଛନ୍ତି। ଏଥିସହିତ ପ୍ରତିରକ୍ଷା ବାହିନୀ, ରେଳ ବିଭାଗରେ ଅଧିକ ଟଙ୍କା ବ୍ୟୟବରାଦ ଲାଗି ବଜେଟରେ ସ୍ଥାନ ପାଇଛି। ଗୁରୁତ୍ୱପୂର୍ଣ୍ଣ ସହର ଗୁଡ଼ିକରେ ମେଟ୍ରୋ ଲାଇନ ସ୍ଥାପନ ଲାଗି ପଦକ୍ଷେପ ନିଆଯାଇଛି। ଏଥିଦ୍ୱାରା ଭିତ୍ତିଭୂମିର ବିକାଶ ହେବ ବୋଲି ଆଶା କରାଯାଇଛି। ନିର୍ବାଚନକୁ ଆଖି ଆଗରେ ରଖି ବଜେଟ ଉପସ୍ଥାପନ ହୋଇନି। ଏଥିରେ ମଧ୍ୟବିତଙ୍କ ଲାଗି କିଛି ବ୍ୟବସ୍ଥା ସ୍ଥାନିତ ହୋଇନାହିଁ। ଅନ୍ୟାନ୍ୟ ବର୍ଗକୁ ସୁବିଧା ସୁଯୋଗ କଥା ଚିନ୍ତା କରାଯାଇଛି। ଚଳିତବର୍ଷ ବଜଟେରେ ଭିତ୍ତିଭୂମିକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ଭୋଟ ଲାଗି କିଛି ପଦକ୍ଷେପ ହୋଇନଥିବା ଜଣାଯାଇଛି। ରେଳ ବଜେଟରେ ମଧ୍ୟ ଓଡ଼ିଶାକୁ ଅଗ୍ରାଧିକାର ଦିଆଯାଇଛି। ଦେଶରେ ବିଶ୍ୱବିଦ୍ୟାଳୟ ଓ ଆଇଆଇଟି ସ୍ଥାପନ ଦିଗରେ ସରକାର ବିଶେଷ ଦୃଷ୍ଟି ଦେଇଛନ୍ତି। ବେକାରୀ ପ୍ରସଙ୍ଗକୁ ବଜେଟରେ ଗୁରୁତ୍ୱ ଦେଲାଭଳି ମନେ ହେଉଥିଲେ ହେଁ ଦରଦାମ ବୃଦ୍ଧି ପ୍ରସଙ୍ଗରେ କିଛି ନୂତନ ପଦକ୍ଷେପ ଗ୍ରହଣ କରାଯାଇନି। ମୋଟାମୋଟି ଭାବେ ଏକ ଚଳନୀୟ ବଜେଟ ହୋଇଛି।



- (ପ୍ରଫେସର ଭାଗବତ ପାତ୍ର, ଅର୍ଥନୀତିଜ୍ଞ)

### ମଧ୍ୟବର୍ତ୍ତି ବଜେଟ୍ ପ୍ରତାରଣାପୂର୍ଣ୍ଣ

ନିର୍ବାଚନର ପୂର୍ବରୁ କେନ୍ଦ୍ରର ମୋଦି ସରକାରଙ୍କ ଦ୍ୱାରା ଉପସ୍ଥାପିତ ମଧ୍ୟବର୍ତ୍ତୀ ବଜେଟ୍ ଦେଶର ସାଧାରଣ ଜନତା ବିଶେଷ କରି କୃଷକ, ଶ୍ରମିକ, ଯୁବକ, ମହିଳା ଏପରିକି ମଧ୍ୟବିତ୍ତ ଶ୍ରେଣୀକୁ ନିରାଶ କରିଛି। ବଜେଟରେ ସାଧାରଣ ଜନତାଙ୍କ ପାଇଁ କୌଣସି ଠୋସ୍ ଘୋଷଣା ବା ବ୍ୟୟବରାଦ କରାଯାଇନି। 'ପ୍ରଧାନମନ୍ତ୍ରୀ ସମ୍ମାନ ନିଧି ଯୋଜନା'ରେ ବାର୍ଷିକ ୧୧.୮ କୋଟି କୃଷକ ପରିବାରକୁ ଯେଉଁ ସହାୟତା ରାଶି ଦେବା କଥା ଆଜି ଅର୍ଥମନ୍ତ୍ରୀ ନିଜର ବଜେଟ ଭାଷଣରେ ଉଲ୍ଲେଖ କରିଛନ୍ତି, ତାହା ସମ୍ପୂର୍ଣ୍ଣ ମିଥ୍ୟା ଓ ପ୍ରତାରଣାପୂର୍ଣ୍ଣ। ସବୁଠାରୁ ଆଶ୍ଚର୍ଯ୍ୟର କଥା କୃଷି ଉତ୍ପାଦନ ପାଇଁ ଆବଶ୍ୟକୀୟ ସାର, କୀଟନାଶକ, ବିହନ, ଡିଜେଲ, ପେଟ୍ରୋଲ ଓ ବିଦ୍ୟୁତର ଦାମ୍ ଗତ ପାଞ୍ଚ ବର୍ଷ ମଧ୍ୟରେ ବୃଦ୍ଧି ପାଇଥିବା ସତ୍ତ୍ୱେ ସରକାର କୃଷକମାନଙ୍କ ସହାୟତା ପାଇଁ ଉଦ୍ଦିଷ୍ଟ ଏହି ଯୋଜନାର ରାଶିର ପରିମାଣକୁ ପାଞ୍ଚ ବର୍ଷ ପରେ ବି ଚଳିତ ବଜେଟରେ କୌଣସି ପ୍ରକାର ବୃଦ୍ଧି କରିନାହାନ୍ତି। କେନ୍ଦ୍ର ଅର୍ଥମନ୍ତ୍ରୀ ଯଦିଓ ନିଜର ବଜେଟ୍ ଭାଷଣରେ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମସପି) କଥା ଉଲ୍ଲେଖ କରିଛନ୍ତି କିନ୍ତୁ କୃଷକମାନଙ୍କ ଦାବି ମୁତାବକ ତାକୁ ଆଇନଗତ ମାନ୍ୟତା ଦେବାକୁ ଅଥବା ଏମ୍ ଏସ୍ ସ୍ୱାମୀନାଥନ୍ କମିଶନଙ୍କ ସୁପାରିଶ ପ୍ରକାରେ ସେଥିରେ ଆବଶ୍ୟକ ବୃଦ୍ଧି କରି ଚାଷୀଙ୍କୁ ଦେବାକୁ ଘୋଷଣା କରିନାହାନ୍ତି। ଜାତୀୟ ବୃଦ୍ଧାବସ୍ଥା ପେନସନ ଯୋଜନାରେ ୨୦୦୬-୦୭ ବଜେଟରେ କେନ୍ଦ୍ର ସରକାର ନିଜର ଅନୁଦାନ ରାଶିକୁ ମାସିକ ୧୫୦ ଟଙ୍କାକୁ ୨୦୦ ଟଙ୍କାକୁ ବୃଦ୍ଧି କରିଥିଲେ । ଚଳିତ ବର୍ଷ ବି ମୋଦି ସରକାର ଦେଶର କୋଟି କୋଟି ବୃଦ୍ଧ, ବୃଦ୍ଧା, ବିଧବା ଓ ଭିନ୍ନକ୍ଷମଙ୍କୁ ଦେଉଥିବା ପେନସନରେ କୌଣସି ପ୍ରକାରର ବୃଦ୍ଧି କରିନାହାନ୍ତି। 'ଆୟୁଷ୍ମାନ ଭାରତ' ବାବଦରେ ବଜେଟରେ ପୂର୍ବବର୍ଷ ତୁଳନାରେ ଅନୁଦାନରେ ନାମକୁ ମାତ୍ର ଅର୍ଥାତ୍ ମାତ୍ର ୩୦୦ କୋଟି ଟଙ୍କା ବୃଦ୍ଧି କରାଯାଇଛି। ପିଏମ୍ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାରେ ବି ଗତବର୍ଷ ତୁଳନାରେ ବ୍ୟୟବରାଦ ହ୍ରାସ କରାଯାଇଛି। ବଜେଟରେ ଦେଶୀ ବିଦେଶୀ କର୍ପୋରେଟମାନଙ୍କ ପାଇଁ ଭିତ୍ତିଭୂମିର ବିକାଶ ଓ ଅନ୍ୟାନ୍ୟ ବାବଦରେ ପୂର୍ବବର୍ଷ ତୁଳନାରେ ବ୍ୟୟବରାଦରେ ବିପୁଳ ବୃଦ୍ଧି ହୋଇଥିବା ବେଳେ ସାଧାରଣ ଜନତାଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଲୋକ କଲ୍ୟାଣକାରୀ ଯୋଜନାରେ ଅନୁଦାନକୁ ହ୍ରାସ କରାଯାଇଛି ଅଥବା ସେଥିରେ ନାମକୁ ମାତ୍ର ବୃଦ୍ଧି କରାଯାଇଛି। ପିଏମ୍ ଆବାସ ଯୋଜନାରେ ମୋଟ ୭୯,୦୦୦ କୋଟି ଟଙ୍କା ଗତ ବଜେଟରେ ବ୍ୟୟବରାଦ କରାଯାଇଥିବା ବେଳେ ଚଳିତ ବଜେଟରେ ୮୦,୬୭୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ମହାନାଗାନ୍ଧୀ ଜାତୀୟ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଯୋଜନା' ପୂର୍ବ ବର୍ଷମାନଙ୍କ ପରି ଚଳିତ ବର୍ଷ ମଧ୍ୟ ସରକାରଙ୍କ ଅବହେଳାର ଶିକାର ହୋଇଛି। ପିଏମ୍ କୃଷି ସିଞ୍ଚନ ଯୋଜନାରେ ମଧ୍ୟ ପୂର୍ବବର୍ଷର ବଜେଟ୍ ତୁଳନାରେ ସାମାନ୍ୟତମ ବୃଦ୍ଧି କରି ଚଳିତ ବଜେଟରେ ୧୧,୩୯୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।



-(ଭାଲଚନ୍ଦ୍ର ଷଡ଼ଙ୍ଗୀ, ଜାତୀୟ ସମ୍ପାଦକ, ଏଆଇକେଏମଏସ୍)

### ବ୍ୟବସାୟୀ ଓ ମଧ୍ୟବିତ୍ତ ନିରାଶ



କେନ୍ଦ୍ର ସରକାରଙ୍କ ଦ୍ୱାରା ଆଗତ ବଜେଟରେ କିଛି ନୂତନତ୍ୱ ଅନୁଭବ ହେଲା ନାହିଁ। ବ୍ୟବସାୟ ଓ ମଧ୍ୟବିତ୍ତଙ୍କ ଲାଗି ମଧ୍ୟ କିଛି ସ୍ୱତନ୍ତ୍ର ବ୍ୟବସ୍ଥା ନଥିବା ପରଲକ୍ଷିତ ହୋଇଛି। ଆଗକୁ ନିର୍ବାଚନ ଥିଲେ ହେଁ ଲୋକଙ୍କୁ ଉତ୍ସାହିତ କଲାଭଳି କୌଣସି ପଦପେକ୍ଷ ବଜେଟରେ ସ୍ଥାନ ପାଇନି। ଚଳନୀୟ ବଜେଟ ହୋଇଛି। ବଜେଟରେ କେବଳ କେନ୍ଦ୍ର ସରକାରଙ୍କ ସଫଳତା ଗୁଡ଼ିକ ହିଁ ସ୍ଥାନ ପାଇଛି। ନିର୍ବାଚନ ପରେ ଫୁଲ ଫେଜ ବଜେଟ ସ୍ଥାନ ପାଇବ ବୋଲି ଆଶା କରାଯାଉଛି। ବିଶେଷ ଭାବେ କହିବାଗୁ ଗଲେ ଚଳିତବର୍ଷ ଖୁବ କମ ସମୟ ସଂସଦରେ ବଜେଟ ଉପସ୍ଥାପନ ହୋଇଥିଲା। ଏଥିରେ ଲୋକଙ୍କ ଉତ୍ସାହିତ କଲା ଭଳି କୌଣସି ପଦପେକ୍ଷ ନଥିବା ଲକ୍ଷ୍ୟ କରାଯାଇଛି।

- (ଭି ସନ୍ତୋଷ କୁମାର, ସମ୍ପାଦକ ଗଞ୍ଜାମ ଚାମ୍ବର ଅଫ କମର୍ସ)

### ଦେଶର ଆର୍ଥିକ ବ୍ୟବସ୍ଥାକୁ ଗତିଶୀଳ କରିବ



କେନ୍ଦ୍ର ସରକାରଙ୍କ ଦ୍ୱାରା ଆଗତ ବଜେଟ ଦେଶର ଆର୍ଥିକ ବ୍ୟବସ୍ଥାକୁ ଗତିଶୀଳ କରିବ। ଚଳିତ ବଜେଟରେ ଦେଶର ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦିଆଯାଇଛି। ଭିତ୍ତିଭୂମିର ବିକାଶକୁ ଅଗ୍ରାଧିକାର ଦିଆଯାଇଛି। ଫଳରେ ରୋଜଗାର ସୃଷ୍ଟି ହେବ। ବଜେଟରେ ଏପରି ପ୍ରାବଧାନ ଅଛି ଯେପରି ପରିବହନ ଗତିଶୀଳ ହେବା ସହ କର୍ମନିୟୋଜନ ସୃଷ୍ଟିରେ ସହାୟକ ହେବ। ମହିଳାମାନେ ସଶକ୍ତ ହେବେ। ଆୟ ଓ ବ୍ୟୟର ବ୍ୟବଧାନରେ ଏକ ସମତା ସୃଷ୍ଟି କରିବ। ଭାରତୀୟଙ୍କ ଆର୍ଥିକ ମେରୁଦଣ୍ଡ ସୁଦୃଢ଼ ହେବାରେ ସହାୟକ ହେବ

- (ଅନନ୍ତ ନାରାୟଣ ମହାନ୍ତି, ଆଇନଜୀବୀ ଓ ସାମାଜିକ କର୍ମୀ)

## 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ଧରାକୋଟ,୧।୨(ସମିସ):** ଧରାକୋଟ ବ୍ଲକ ଅନ୍ତର୍ଗତ ରୁଗୁମୁ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ରୁଗୁମୁ ସରପଞ୍ଚ ଗୀତାଞ୍ଜଳି ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି, ଏବିଡିଓ ସୁଶୀଲ ପଟ୍ଟନାୟକ, ଜିପିଓ କିଶୋର ଚନ୍ଦ୍ର ସାହୁ, ସମିତି ସଭ୍ୟ ବନବାସି ବେହେରା, ପୂର୍ବତନ ସରପଞ୍ଚ ସୁଧାକର ସ୍ୱାଇଁ, ନାଏବ ସରପଞ୍ଚ ଲକ୍ଷ୍ମୀକାନ୍ତ ବିଷୋୟୀ, ନିର୍ବାହୀ ଅଧିକାରୀ ଇସାକ ପ୍ରଧାନ, ଶିକ୍ଷାବିତ ପୀତବାସ ପାଣିଗ୍ରାହୀ, ରାଜସ୍ୱ ନିରୀକ୍ଷକ ରବୀନ୍ଦ୍ର ଗୌଡ଼, ଡାକ୍ତର ଶଙ୍କର ନାରାୟଣ ବେହେରା, ଜିଆରଏସ ଟୁଟୁ ନାହକ, କୃତୀ ଛାତ୍ରୀ ଶ୍ରଦ୍ଧାଞ୍ଜଳୀ ସ୍ୱାଇଁ ପ୍ରମୁଖ ମଞ୍ଚାସିନ ରହିଥିବାବେଳେ ଅମେସ ବେହେରା ଏହାର ପରିଚାଳନା କରିଥିଲେ। ଏହି ଅବସରରେ୧୪ ଜଣଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା।

## ଆନ୍ଧ୍ରପ୍ରଦେଶରେ ଓଡ଼ିଆ ଶ୍ରମିକ ମୃତ

**ପାତ୍ରପୁର,୧।୨(ସମିସ):** ଆନ୍ଧ୍ର ପ୍ରଦେଶକୁ କାମ କରିବାକୁ ଯାଇଥିବା ପାତ୍ରପୁର ବ୍ଲକ ଅନ୍ତର୍ଗତ ହରଡ଼ାପାଟୁ ନୂଆଁସାହି ଗ୍ରାମର ବିଜୟ ନାୟକ (୨୨)ଙ୍କ ଗୁରୁବାର ଭୋରରେ ମୃତ୍ୟୁ ଘଟିଛି। ସୂଚନା ପ୍ରକାରେ ତୁମ୍ବା ପଞ୍ଚାୟତ ଧାଡ଼ିଆମ୍ବ ନିକଟରେ ରହୁଥିବା ବିଜୟ ଝାରସୁଗୁଡ଼ା ତିନିମାସ ପୂର୍ବେ କିଛି ସାଙ୍ଗଙ୍କ ସହିତ ଯାଇଥିଲେ। ପରେ ସେଠାରୁ ଆନ୍ଧ୍ର ବିଜୟବାଡ଼ା ନିକଟ ଅଙ୍ଗୁଲାର ଯାଇ ଏକ ଗ୍ରାନାଇଟ କାରଖାନାରେ କାର୍ଯ୍ୟ କରୁଥିଲେ। ଗୁରୁବାର ଭୋର ସମୟରେ ତାଙ୍କୁ ଝାଡ଼ା ବାନ୍ତି ହୋଇଥିଲା। ସାଙ୍ଗ ମାନେ ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ନିକଟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ବିଜୟ ଗରିବ ଶ୍ରେଣୀର ହୋଇଥିବାରୁ ପ୍ରଶାସନ ପକ୍ଷରୁ ତାଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ନିର୍ବାଚନ ପରିଚାଳନା ତାଲିମ ଶିବିର

**ଭଞ୍ଜନଗର, ୧।୨(ସମିସ):** ଆଗକୁ ଆସୁଛି ୨୦୨୪ ସାଧାରଣ ନିର୍ବାଚନ। ଏହାକୁ ଦୃଷ୍ଟିରେ ରଖି ନିର୍ବାଚନ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆଜି ୧୨୩ନଂ ଭଞ୍ଜନଗର ନିର୍ବାଚନମଣ୍ଡଳୀର ସେକ୍ଟର ଅଫିସର ଏବଂ ସେକ୍ଟର ପୁଲିସ ଅଫିସରମାନଙ୍କୁ ନେଇ ଭଞ୍ଜନଗର ଉପ-ଜିଲ୍ଲାପାଳଙ୍କ



ସମ୍ମିଳନୀ କକ୍ଷରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଞ୍ଜନଗର ଉପ-ଜିଲ୍ଲାପାଳ ଅନୀଲ କୁମାର ସେଠୀ, ଅତିରିକ୍ତ ଉପ-ଜିଲ୍ଲାପାଳ ବିଶ୍ୱରଞ୍ଜନ କର, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିଶ୍ୱାମିତ୍ର ହରପାଲ, ତହସିଲଦାର ଉମା ଶଙ୍କର ବେହେରା, ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଦିପ୍ତିମଣୀ ପ୍ରଧାନ ଏବଂ ସହକାରୀ ଜିଲ୍ଲାପାଳ ରାମଚନ୍ଦ୍ର ମହାପାତ୍ର ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ। ୩ଦିନ ଧରି ଏହି ଶିବିରର ଆୟୋଜନ କରାଯାଇଛି। ପ୍ରଥମ ଦିନରେ ୧୨୩ନଂ ଭଞ୍ଜନଗର ନିର୍ବାଚନ ମଣ୍ଡଳୀ, ଦ୍ୱିତୀୟ ଦିନ ୧୨୮ନଂ ଆସ୍କା ନିର୍ବାଚନମଣ୍ଡଳୀ ଏବଂ ଶେଷ ଦିବସରେ ୧୨୯ନଂ ସୋରଡା ନିର୍ବାଚନମଣ୍ଡଳୀ ପାଇଁ ରହିଛି। ଏଥିରେ ଶାନ୍ତି ଶୃଙ୍ଖଳା ସହ କିଭଳି ସୁରୁଖୁରୁରେ ସମସ୍ତ ନିର୍ବାଚନ କାର୍ଯ୍ୟ ପରିଚାଳନା କରାଯିବ ସେ ସମ୍ପର୍କରେ ଭଞ୍ଜନଗର ଉପ ଜିଲ୍ଲାପାଳ ଶ୍ରୀ ସେଠୀ ଅବଗତ କରିଥିଲେ।

## 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ଛତ୍ରପୁର, ୧।୨(ସମିସ):** ସ୍ଥାନୀୟ ପୋଡାପଦର ପଞ୍ଚାୟତରେ ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁଜାତା ଦାସ ଏବଂ ସମିତି ସଭ୍ୟା ଶଶୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ସମିତି ସଭ୍ୟ ଏନ. ଦୁର୍ଯ୍ୟୋଧନ ରେଡ୍ଡୀଙ୍କ



ସଂଯୋଜନା କରିଥିଲେ। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଅତିଥି ଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଏସ. ଶାରଦା ରେଡ୍ଡୀ, ଛତ୍ରପୁର ବିଡିଓ ସୁଶାନ୍ତ କୁମାର ବରାଳ, ୨୦ନଂ ଜିଲ୍ଲା ପରିଷଦ ସଭ୍ୟ ଏମ.ଧନଞ୍ଜୟ ରେଡ଼ି, ୨୧ନଂ ଜିଲ୍ଲା ପରିଷଦ ସଭ୍ୟା ଛବିତା ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମୁନା ଦାସ ଓ ଏସ. କିଶୋର ରେଡ୍ଡୀ, ଫାଇନାନ୍ସ ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା, ପୋଡାପଦର ପଞ୍ଚାୟତର ନାଏବ ସରପଞ୍ଚ ପିଙ୍କି ସ୍ୱାଇଁ, ଯୁବ ନେତା ବଚନ ଦାସ, ବାପି ଦାସ, ରାଜା ରାଓ, ବାବୁ ରାଓ, ଶିକ୍ଷାବିତ ସୋମନାଥ ସାହୁ, ବିଜେଡି ନେତା ରବୀନ୍ଦ୍ରନାଥ ପଣ୍ଡାଙ୍କ ସମେତ ବହୁଜନ ପ୍ରତିନିଧି, ମହିଳା ଏବଂ ଜନ ସାଧାରଣ ଉପସ୍ଥିତ ଥିଲେ।

● ନାବାଳକ ହତ୍ୟା ଘଟଣା

## ଅଭିଯୁକ୍ତ ନାବାଳକ ସୁଧାର ଗୃହ ଗଲା

**ଖଲ୍ଲିକୋଟ, ୧।୨(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ କୈରାଶି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗତ ମଙ୍ଗଳବାର ସନ୍ଧ୍ୟାରେ ଜଣେ ନାବାଳକ ଆଉ ଜଣେ ନାବାଳକକୁ ଛୁରୀ ଭୂଷି ହତ୍ୟା କରିଥିଲେ। ମୃତକ ହେଲେ କୈରାଶି ଗାଁର ଅରୁଣ ଦାସଙ୍କ ପୁଅ ରାଜେଶ ଦାସ(୧୭)। ପୁଲିସ ଏହି ମାମଲାର ଅଭିଯୁକ୍ତ ନାବାଳକକୁ ବ୍ରହ୍ମପୁର ସ୍ଥିତ ଜୁଭେନାଇଲ କୋର୍ଟଚାଲାଣ କରିଛି। ଏଥିସହିତ ହତ୍ୟା ରେ ବ୍ୟବହୃତ ଛୁରୀ ଜବତ କରିଛି। ସୂଚନାଯୋଗ୍ୟ କୈରାଶି ଗ୍ରାମର ଅରୁଣ ଦାସଙ୍କ ପୁଅ ରାଜେଶ ଦାସ ମଙ୍ଗଳବାର ସନ୍ଧ୍ୟାରେ ଗ୍ରାମର ସାଗର ବନ୍ଧ ନିକଟସ୍ଥ ମାଛ ମାର୍କେଟକୁ ଯାଇଥିବାବେଳେ ସେଠାରେ ସୁଯୋଗ ଅପେକ୍ଷାରେ ଥିବା ଆଉ ଜଣେ ନାବାଳକ ଛୁରୀରେ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ଖଲ୍ଲିକୋଟ ଥାନା କେସନଂ(୬୫/୨୪) ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ମହେଶ୍ୱରପୁର ଗ୍ରାମ ନିକଟରେ ବୁଲାବୁଲି କରୁଥିବା ବେଳେ ଅଭିଯୁକ୍ତକୁ ଧରି ଥାନାକୁ ଆଣିଥିଲେ ଆଇଆଇସି ଜଗନ୍ନାଥ ମଲ୍ଲିକ। ତେବେ କ୍ରିକେଟ ଖେଳକୁ ନେଇ ପୂର୍ବରୁ ହୋଇଥିବା ଗଣ୍ଡଗୋଳରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ କହିଛି।

## ମହାନଳା ୟୁପି ସ୍କୁଲକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ସାନଖେମୁଣ୍ଡି, ୧।୨(ସମିସ):** ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ପାଇଁ ସାନଖେମୁଣ୍ଡି ବ୍ଲକର ମହାନଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛି। ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ୍ ପରିସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଶିକ୍ଷାମନ୍ତ୍ରୀ ସୁଦାମ ମାରାଣ୍ଡି, ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱିନୀ ଏସ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଧାନ ଶିକ୍ଷକ ପୁରସ୍କାର ପ୍ରଦାନ କରିଛନ୍ତି। ସେଭଳି ସାନଖେମୁଣ୍ଡିର ଭାଲିଆଖୋଲା ରତ୍ନମାଳାପୁର ବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ବେଳେ ଖଳିଙ୍ଗି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଆଲୁମିନି ପୁରସ୍କାର ଓ ଗୌତମୀକୁ ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯାଇଛି। ଆଜି ଶିକ୍ଷା ପୁରସ୍କାର ମିଳିବା ପରେ ମହାନଳା ଓ ଭାଲିଆଖୋଲା ଗ୍ରାମବାସୀଙ୍କ ପକ୍ଷରୁ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷା ପୁରସ୍କାର ପଦକ ଓ ମାନପତ୍ର ସହ




ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀ ଛାତ୍ର ଛାତ୍ରୀ ପରିଚାଳନା ସମିତି ପକ୍ଷରୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଭାଲିଆଖୋଲା ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ନାୟକ ଓ ଶିକ୍ଷୟତ୍ରୀ ମାନଙ୍କୁ ଓ ମହାନଳାରେ ଗ୍ରାମବାସୀଙ୍କ ପକ୍ଷରୁ ଟ୍ରଫି ଓ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରିଚାଳନା ସଭାପତି ବିନାୟକ ଦାଶ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିନିତା କୁମାରୀ ମିଶ୍ର, ରିତାଞ୍ଜଳି ରଥ, ସାଧନକେନ୍ଦ୍ର ସଂଯୋଜକ ଅଶୋକ କୁମାର ମଲିକ, ପ୍ରଧାନ ଶିକ୍ଷକ ବାବୁଲା କୁମାର ସାହୁ, ଶିକ୍ଷକ ବିଦେଶୀ ସାହୁ, ଟୁକୁନା ଜେନା, ପ୍ରମୋଦ ବାଡ଼ତ୍ୟା, ଗଣେଶ ଦଳେଇ, ଦିଲୀପ ସ୍ୱାଇଁ, ଶିକ୍ଷୟିତ୍ରୀ ଜି କବିତା, ରୂପାଲି ସେଠୀ, ସନ୍ଧ୍ୟାରାଣୀ ଦୋରା, ନମିତା ମଲ୍ଲ ପ୍ରମୁଖଙ୍କୁ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଅଭିନନ୍ଦନ ଜଣାଇଥିଲେ।

■ ବାଡ଼କୁ କେନ୍ଦ୍ରକରି ବାସନ୍ଦ

## ଏସ୍‌ପିଙ୍କୁ ଭେଟିଲେ ପୀଡ଼ିତ ପରିବାର

**ଛତ୍ରପୁର, ୧।୨(ସମିସ):** ପ୍ରଶାସନ ପକ୍ଷରୁ ବାରମ୍ବାର ବାସନ୍ଦକୁ ନେଇ ବିଭିନ୍ନ ସ୍ତରରେ ଲୋକଙ୍କୁ ସଚେତନ



କରାଯାଉଥିଲେ ସୁଦ୍ଧା ଗଞ୍ଜାମ ଜିଲ୍ଲାରେ ଏହି ଘଟଣା ଥମୁନାହିଁ। ସମାନ୍ୟ କଥାକୁ ନେଇ ଗାଁରେ କଙ୍ଗାରୁ କୋର୍ଟ ବସିବା ସହ ଆର୍ଥିକ ଦଣ୍ଡ ସହ ବାସନ୍ଦ ଭଳି ଘଟଣା ଘଟିବାରେ ଲାଗିଜଛି। ଏଭଳି ଏକ ଘଟଣା ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ଥାନା ସନ୍ତୋଷପୁର ଗାଁରେ ଘଟିଛି। ଗାଁର କମା ସାହିରେ ଦୁଇ ପରିବାରର ମଝି ବାଡକୁ କେନ୍ଦ୍ର କରି କୁମାରୀ ଅପୂର୍ବ ଜେନାଙ୍କୁ କୂଳରୁ ବାସନ୍ଦ କରାଯାଇଥିବା ନେଇ ଗୁରୁବାର ଗଞ୍ଜାମ ଏସପିଙ୍କୁ ଭେଟି ପୀଡ଼ିତ ପରିବାର ଅଭିଯୋଗ କରିଛନ୍ତି। ବାଣାୟତ ଓଡିଆ କୂଳ ପକ୍ଷରୁ ତାଙ୍କୁ କୂଳରୁ ବାସନ୍ଦ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏନେଇ ସେମାନେ ପୂର୍ବରୁ ହିଞ୍ଜିଳିକାଟୁ ଥାନା ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ସେମାନେ କୌଣସି ସନ୍ତୋଷଜନକ କାର୍ଯ୍ୟାନୁଷ୍ଠାନ ନ ନେବାରୁ ସେମାନେ ଗୁରୁବାର ବାଧ୍ୟ ହୋଇ ଗଞ୍ଜାମ ଏସପିଙ୍କ ନିକଟରେ ଗୁହାରି କରିଛନ୍ତି। ଏହି ଅବରସରେ କୁମାରୀ ଅପୂର୍ବ ଜେନାଙ୍କ ସହ ତାଙ୍କ ବାପା ବାସୁଦେବ ଜେନା ଉପସ୍ଥିତ ଥିଲେ।

## 'ନୂଆ-ଓ' ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

**ଆସିକା, ୧।୨(ସମିସ):** ଓଡ଼ିଶା ସରକାରଙ୍କ ନୂଆ-ଓର ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଗୁଡିକର କୃତୀ ଛାତ୍ରଛାତ୍ରୀଙ୍କୁ ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ପୁରସ୍କୃତ କରାଯାଇଛି। ଏହି ଅବସରରେ ବିଜ୍ଞାନ ମହାବିଦ୍ୟାଳୟ, ହିଞ୍ଜିଳିକାଟୁ ଠାରୁ ଆରମ୍ଭ କରି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ଭଞ୍ଜନଗର ମଧ୍ୟରେ ଥିବା ବିଭିନ୍ନ କଲେଜର ଏସବିଆର କଲେଜ ପରିସରରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଯୁକ୍ତ ଦୁଇ ଏବଂ ତିନିର ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚ ଶିକ୍ଷା ବିଭାଗ, ଦକ୍ଷିଣାଞ୍ଚଳ, ବ୍ରହ୍ମପୁରର ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ଏବଂ ଯୁବ ଓ କ୍ରୀଡା ବିଭାଗ ନିର୍ଦ୍ଦେଶକ ସନ୍ତୋଷ କୁମାର ସାହୁଙ୍କ ଦ୍ୱାରା ପୁରସ୍କୃତ କରାଯାଇଛି। ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ସଂଯୋଜନାରେ ପରିଚାଳନା କମିଟିର ସଭାପତି ପ୍ରଫେସର ପ୍ରସନ୍ନ କୁମାର ପ୍ରଧାନଙ୍କ ଉପସ୍ଥିତିରେ ଏବଂ ନୂଆ-ଓ ନୋଡାଲ ଅଫିସର ଡ. ଏସ୍. ବସନ୍ତ କୁମାର ଆଚାରୀଙ୍କ ସଂଯୋଜନାରେ ପୁରସ୍କୃତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ କଲେଜ ଏବଂ ଅଞ୍ଚଳରୁ ଆସିଥିବା କୃତୀ ଛାତ୍ରଛାତ୍ରୀ, ଅଭିଭାବକ, ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଅଧ୍ୟାପକ ଡ. ଅଜିତ୍



କୁମାର ମୁନୀ ଅତିଥି ପରିଚୟ ଦେଇଥିଲେ ଏବଂ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ପ୍ରାଧ୍ୟାପକ ଡ. ସନ୍ତୋଷ କୁମାର ଚୌଧୁରୀ, ବିଘ୍ନରାଜ ପାଢ଼ୀ, ଆକାଉଣ୍ଟ ବର୍ସର ପ୍ରିୟବ୍ରତ ପ୍ରଧାନ, ରାଜେଶ୍ କୁମାର ସାହୁ, ଅଧ୍ୟାପିକା ସେଇଲ୍ କୁମାରୀ ଝା, ରଶ୍ମୀପ୍ରିୟା କାଲୋ।

## ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

**ପୋଲସରା,୧।୨(ସମିସ):** ଗୁରୁବାର ପୋଲସରା ବିଜେଡି ପକ୍ଷରୁ ବିଧାୟକ ଶ୍ରୀକାନ୍ତ ସାହୁଙ୍କ ଦ୍ୱାରା ୩ଟି ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଏନେଇ ବନ୍ଥପଲ୍ଲୀ ପଞ୍ଚାୟତରେ ସରପଞ୍ଚ ପବିତ୍ର ରାଉତଙ୍କ ତତ୍ତ୍ୱାବଧାନଧରେ ବିଜେଡିର ତୃଣମୂଳ ସ୍ତରରେ ଥିବା କର୍ମୀ ଓ ସମସ୍ତ ପରିବାର ସଦସ୍ୟ ମାନେ ବିଧାୟକ ଶ୍ରୀ ସାହୁଙ୍କୁ ନିଜ ପଞ୍ଚାୟତରେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ପୋଲସରା ନିର୍ବାଚନମଣ୍ଡଳୀ ସଭାପତି ସୁଶାନ୍ତ କୁମାର ପୋଲେଇ, ପୋଲସରା ବ୍ଲକ ଅଧ୍ୟକ୍ଷ ପ୍ରତିନିଧି ରାଜେନ୍ଦ୍ର ପ୍ରଧାନ, ଜିଲ୍ଲା




ପରିଷଦସଭ୍ୟ ଅଶୋକ କୁମାର ବିଷୋୟୀ, ବିକ୍ରମ କୁମାର ନାୟକ, ଝୁନୁ ଦାସ, ଏନଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, ବିଧାୟକ ପ୍ରତିନିଧି ସୁକାନ୍ତ କୁମାର ଭୂୟାଁ, ସନ୍ତୋଷ କୁମାର ପାତ୍ର, ସରପଞ୍ଚ ବସନ୍ତ କରଣକା, ମନୋଜ କୁମାର ପରିଡ଼ା, ଲୁଲୁ ପ୍ରଧାନ, ସମୀର ଭୂୟାଁ, ଟୁନା ବିଷୋୟୀଙ୍କ ସମେତ ବହୁ ଦଳୀୟ ନେତା ଓ ମହିଳା କର୍ମୀ ଉପସ୍ଥିତ ଥିଲେ।

## କ୍ରୀଡ଼ା ଶିକ୍ଷୟିତ୍ରୀ ପାଇଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ଦିଗପହଣ୍ଡି,୧।୨(ସମିସ):** ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବମକୋଇ ଶିବାନନ୍ଦ ନୋଡାଲ ହାଇସ୍କୁଲର କ୍ରୀଡା ଶିକ୍ଷୟିତ୍ରୀ ସସ୍ମିତା କୁମାରୀ ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ସମାରୋହରେ ଶିକ୍ଷୟିତ୍ରୀଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଶିକ୍ଷୟିତ୍ରୀଙ୍କୁ ଏହି ସମ୍ମାନ ମିଳିବା ପରେ ନିଜ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



## ରାୟଗଡ଼କୁ ୫ ଦିନ ହେଲା ପାନୀୟ ଜଳ ଯୋଗାଣ ବନ୍ଦ

**ରାୟଗଡ଼,୧।୨(ସମିସ):** ଖରା ଆରମ୍ଭ ନ ହେଉଣୁ ପାନୀୟଜଳ ସମସ୍ୟା ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ସଦର ମହକୁମା ପଞ୍ଚାୟତରେ ଦେଖାଦେଇଛି। କିଛି ଦିନ ପୂର୍ବେ ଉକ୍ତ ପଞ୍ଚାୟତର ଲକ୍ଷ୍ମୀପୁର କଲୋନୀରେ ପାନୀୟ ସମସ୍ୟା ଦେଖା ଦେଇଥିଲା। ଗ୍ରାମବାସୀ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଡିଓ, ତହସିଲଦାର, ପାନୀୟଜଳ ଯୋଗାଣ ଅଧିକାରୀ ଆଦି ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଏସମ୍ପର୍କରେ ଜଣାଇଥିଲେ। ହେଲେ ସମସ୍ୟାର ଆଜି ଯାଏ ସମାଧାନ ହୋଇପାରିନଥିବା ବେଳେ ଖୋଦ୍ ରାୟଗଡ଼ ଗ୍ରାମରେ ପାଞ୍ଚ ଦିନ ହେବ ପାନୀୟଜଳ ଯୋଗାଣ ବନ୍ଦ ରହିଛି। ଏଥିଯୋଗୁଁ ଲୋକେ ପାଣି ହାଣ୍ଡିଏ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ଏଥିପ୍ରତି ପଞ୍ଚାୟତ ପ୍ରତିନିଧି କିମ୍ବା ବିଭାଗୀୟ ଅଧିକାରୀ ଆନ୍ତରିକତା ଦେଖାଯାଉ ନ ଥିବା ସାଧାରଣରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ରାୟଗଡ଼ ଗ୍ରାମର ଜନସଂଖ୍ୟା ସାତରୁ ଆଠ ହଜାର ଥିବାବେଳେ ଗ୍ରାମ ନିକଟରେ ଥିବା ମହେନ୍ଦ୍ରତନୟା ନଦୀରୁ ପାଇପରେ ଜଳ ଉଠାଇ ଯୋଗାଇ ଦିଆଯାଉଛି। ଏହାରି ଉପରେ ଗ୍ରାମବାସୀ ନିର୍ଭରଶୀଳ। କିନ୍ତୁ ପାଞ୍ଚ ଦିନ ହେବ ପାନୀୟଜଳ ଯୋଗାଣ ବନ୍ଦ ରହିଥିବା ଯୋଗୁଁ ବେଳେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମହିଳା ମାଠିଆ ଧରି ନଳକୂପ ପାଖରେ ଧାଡ଼ି ଲଗାଉଛନ୍ତି। ମାଠିଏ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ପାଣି ପାଇଁ ହାତାହାତି ପରିସ୍ଥିତି ସୃଷ୍ଟି ହେଉଛି। ସମସ୍ୟା ସମ୍ପର୍କରେ ସହକାରୀ ଯନ୍ତ୍ରୀ ନାରାୟଣ ସେଠୀଙ୍କୁ ପ୍ରଶ୍ନ କରାଯିବାରେ ପାଣି ମୋଟର ପୋଡ଼ି ଯାଇଛି। ତେଣୁ ଏପରି ସମସ୍ୟା ଉପୁଜିଛି। ତୁରନ୍ତ ଉକ୍ତ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

## ବାଲିଗଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଡାଏଲେସିସ୍ କେନ୍ଦ୍ର ଉଦ୍‌ଘାଟିତ

**ବାଲିଗୁଡା, ୧।୨(ସମିସ):** କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରେ ଭିଡ଼ିଓ କନଫରେନ୍ସ ଜରିଆରେ ଡାଇଲିସିସ କେନ୍ଦ୍ରର ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଚିକିତ୍ସାଳୟରେ ସମ୍ପୂର୍ଣ୍ଣ ମାଗଣାରେ କିଡ଼ନୀ ରୋଗୀଙ୍କ ଆବଶ୍ୟକ ଡାଇଲିସିସ ସେବା ବର୍ତ୍ତମାନ ଉପଲବ୍ଧ ହୋଇପାରିବ। ପୂର୍ବରୁ କନ୍ଧମାଳ ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ କେବଳ ଏହି ସେବାର ସୁବିଧା ରହିଥିବା ବେଳେ ବର୍ତ୍ତମାନ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟ ରେ ଡାଇଲିସିସ ସେଣ୍ଟର କାର୍ଯ୍ୟକାରୀ ହୋଇଛି। ଡାଇଲିସିସ କେନ୍ଦ୍ରରେ ବାଲିଗୁଡା ଉପଖଣ୍ଡର ୯ ବ୍ଲକର ରୋଗୀ ମାଗଣାରେ ସେବା ପାଇପାରିବେ। ଉପଖଣ୍ଡ ଚିକିତ୍ସାଳୟର ଏହି କେନ୍ଦ୍ରରେ ୪ ଶଯ୍ୟା ରହିଥିବା ବେଳେ ପ୍ରତିଦିନ ୧୨ରୋଗୀଙ୍କୁ ଡାଇଲିସିସ ସେବା ଯୋଗାଇ ଦିଆଯାଇପାରିବ ବୋଲି କୁହାଯାଇଛି। ଉଦଘାଟନ ଉତ୍ସବରେ ବାଲିଗୁଡା ବିଧାୟକ ଚକ୍ରମଣୀ କହଁର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲିକ, ଉପଖଣ୍ଡ ଚିକିତ୍ସାଳୟ



ଅଧିକ୍ଷକ ଶ୍ରବଣ ସାହୁକାର, ଏନଏସି ଅଧ୍ୟକ୍ଷ ଗୋବିନ୍ଦ ପ୍ରଧାନ ସମେତ ଚିକିତ୍ସାଳୟର ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ।

## 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**କବିସୂର୍ଯ୍ୟନଗର,୧।୨(ସମିସ):** କବିସୂର୍ଯ୍ୟନଗର ବ୍ଲକ ଗଙ୍ଗାପୁରରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ସମ୍ମାନିତ ଅତିଥି ଆସିକା ସାଂସଦ ପ୍ରତିନିଧି ସତ୍ୟବାନ ସାହୁ, ବ୍ଲକ ଉପାଧ୍ୟକ୍ଷ ବୀରେନ୍ଦ୍ର ଖଟେଇ, ଏବିଡିଓ ନାରାୟଣ ବେହେରା, ଜିଲ୍ଲା ପରିଷଦ ସନ୍ତୋଷ କୁମାର ପାଢ଼ୀ ଯୋଗଦେଇ ସରକାରଙ୍କ ବିଭିନ୍ନ ଉନ୍ନୟନ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମୁନ୍ନା ନାହାକ, ପ୍ରଭଞ୍ଜନ ପରିଡ଼ା, ରାଜକିଶୋର ସାହୁ, ରାମଚନ୍ଦ୍ର ଜେନା, ବାଳକୃଷ୍ଣ




ପଟ୍ଟନାୟକ, ଗଙ୍ଗାପୁର ସରପଞ୍ଚ ଝୁନୁ ସେଠୀ, ବୀଣାପାଣି ମିଶ୍ର, ଗୀତା ମୁଦୁଲି, ଖଜାପଲ୍ଲୀ ସରପଞ୍ଚ ପ୍ରତିନିଧି ହୃଦାନନ୍ଦ ପ୍ରଧାନ, ବୁଢ଼ାମ୍ବ ସରପଞ୍ଚ ପ୍ରତିନିଧି ଯଜ୍ଞପ୍ରସାଦ ପଣ୍ଡା, ଆଠଗଡ଼ ସମିତି ସଭ୍ୟା ପ୍ରତିନିଧି ସୁନୀଲ କୁମାର ପୋଲାଇ, ବଡ଼ମହୁରି ସମିତିସଭ୍ୟ ଟି. ବ୍ରଜେନ୍ଦ୍ର ପ୍ରଧାନ, ଜିପିଇଓ ପ୍ରଭଞ୍ଜନ ପରିଡ଼ା, ସଂଯୋଜକ ତଥା ପ୍ରଧାନ ଶିକ୍ଷକ ଦିବାକର ଶତପଥୀ, ଆଠଗଡ଼ ସରପଞ୍ଚ ପ୍ରତିନିଧି ଆଦିତ୍ୟ କୁମାର ତ୍ରିପାଠୀ, ଆଠଗଡ଼ ସମିତି ସଭ୍ୟା ପ୍ରତିନିଧି ସୁନୀଲ କୁମାର ପୋଲାଇ, ବାଉଁସିଆ ସରପଞ୍ଚ ପ୍ରତିନିଧି ଗୌତମ ଦାସ, ଗଙ୍ଗାପୁର ସରପଞ୍ଚ ପ୍ରତିନିଧି କିରଣ କୁମାର ସେଠୀ, ଜରଡ଼ ସରପଞ୍ଚ ପଦ୍ମଚରଣ ନାହାକ, ଜରଡ଼ ସମିତି ସଭ୍ୟ ରାଜେଶ କୁମାର ତ୍ରିପାଠୀ, ପାଇକ ଯମୁନା ସମିତି ସଭ୍ୟ ଟୁନା ବିଷୋୟୀ ପ୍ରମୁଖ ଯୋଗ ଦେଇଥିଲେ।

## ହାତୀପଲ ଭାଙ୍ଗିଲେ ଘର, ଲୋକେ ଆତଙ୍କିତ

**ଧରାକୋଟ, ୧।୨(ସମିସ):** ଗଞ୍ଜାମ ଜିଲ୍ଲା ଘୁମୁସର ଉତ୍ତର ବନଖଣ୍ଡ ମୁଜାଗଡ଼ ଇଲାକାରୁ ବାରଟିକିଆ ହାତୀ ପଲ ଦକ୍ଷିଣ ଘୁମୁସର ବନଖଣ୍ଡର ଧରାକୋଟ ବନକ୍ଷେତ୍ର ଅଧୀନସ୍ଥ ଆଠଘରିଆ ଗ୍ରାମ୍ୟ ଜଙ୍ଗଲକୁ ଚାଲି ଆସିଛନ୍ତି। ସେଠାରେ ଲୋକଙ୍କ ପନିପରିବା ଫସଲ ଖାଇ ନଷ୍ଟ କରିବା ପରେ ଗତ ରାତିରେ ବାହାରପୁର ପଞ୍ଚାୟତ ଅନ୍ତର୍ଗତ ମଲ୍ଲିଝର ଜଙ୍ଗଲକୁ ଚାଲି ଆସିଥିଲେ। ନିକଟସ୍ଥ ଗୋପାଳପୁର ଗ୍ରାମର ନବା ସେଠୀଙ୍କ ଘର ଭାଙ୍ଗି ଚାଉଳ ଓ ଧାନ ଖାଇବା ସହ ନଷ୍ଟ କରିଥିଲେ। ଘରେ ଥିବା ପରିବାର ଲୋକେ ହାତୀକୁ ଦେଖି ଭୟରେ ପଳାଇଯାଇଥିଲେ। ଏହା ପରେ ନିକଟସ୍ଥ ଜମିରେ ହୋଇଥିବା ପରିବା ଖାଇ ନଷ୍ଟ କରିଥିଲେ। ଖବର ପାଇ ଧରାକୋଟ ବନପାଳ ଅକ୍ଷୟ ତ୍ରିପାଠୀ, ପ୍ରଦୀପ ପରିଛାଙ୍କ ଏକ ଟିମ ଗ୍ରାମରେ ପହଞ୍ଚି ହାତୀପଲକୁ ବାଜା ବଜାଇବା ସହିତ ଅତାସବାଜି ଫୁଟାଇ ଘଉଡ଼ାଇ ଥିଲେ। ସମ୍ପ୍ରତି ଏହି ହାତୀ ପଲ ମଲ୍ଲୀଝର ଜଙ୍ଗଲରେ ପଶି ରହିଛନ୍ତି। ଏଭଳି ଘଟଣା ପ୍ରତି ବର୍ଷ ଘଟୁଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ସ୍ଥାୟୀ ପ୍ରତିକାର କରାଯାଉନାହିଁ। ଯାହାକୁ ନେଇ ଅଞ୍ଚଳରେ ଭୟ ଓ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି।



# ପାରମ୍ପରିକ ପଦ୍ଧତିରେ ଜଡ଼ାତେଲ ପ୍ରସ୍ତୁତି

## ବଢୁଛି ଚାହିଦା, ପ୍ରୋତ୍ସାହନ ମିଳିଲେ ଉପକୃତ ହେବେ ଆଦିବାସୀ

**ଫିରିଙ୍ଗିଆ,୧୧୨(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଏକ ଆଦିବାସୀ ବହୁଳ ବ୍ଲକ। ଏହି ବ୍ଲକରେ ବସବାସ କରୁଥିବା ଆଦିବାସୀ ବର୍ଷ ତମାମ ବିଭିନ୍ନ କାମରେ ନିଜକୁ ନିୟୋଜିତ କରି ଜୀବିକା ଅର୍ଜନ କରିଥାନ୍ତି। ବିଶେଷ କରି ଗ୍ରାମାଞ୍ଚଳରେ ପାରମ୍ପରିକ ପଦ୍ଧତିରେ ପ୍ରସ୍ତୁତ ଜଡ଼ା ତେଲର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ପାରମ୍ପରିକ ପଦ୍ଧତିରେ ଜଡ଼ା ତେଲ ପ୍ରସ୍ତୁତ କରିବା ପାଇଁ ପ୍ରଥମେ ବଜାରରୁ ଜଡ଼ା ମଞ୍ଜି କିଣିବାକୁ ହୁଏ। କିଣି ଆଣିଥିବା ଜଡ଼ା ମଞ୍ଜିକୁ ଖରାରେ ଶୁଖାଇ ଦିଆଯାଏ। ଭଲ ଭାବେ ଜଡ଼ା ମଞ୍ଜି ଶୁଖିଯିବା ପରେ ପାରମ୍ପରିକ ପଦ୍ଧତିରେ କୁଟନିରେ କୁଟାଯାଏ । କୁଟନିରେ କୁଟା ହୋଇଥିବା ଜଡ଼ାକୁ ପାଣିରେ ଫୁଟାଇବାକୁ ପଡେ। କିଛି ଘଣ୍ଟା ଫୁଟିବା ପରେ ପାଣି ଠାରୁ ତେଲ ଅଲଗା ହୋଇ ଉପରେ ଭାସମାନ ହୁଏ। ପାଣି ଥଣ୍ଡା ହେବା ପରେ ହାତରେ ତେଲକୁ ଅନ୍ୟ ଏକ ପତ୍ରରେ ବାହାର କରାଯାଏ। ପରେ ପୁଣି ସେହି ତେଲର ପାଣି ଅଂଶ ଶୁଖିବା ପାଇଁ ନିଆଁରେ ଅଳ୍ପ ସମୟ ଫୁଟାଇ ଦିଆଯାଏ। ଏତେ ସବୁ କଳାପରେ ଜଡ଼ା ତେଲ ପ୍ରସ୍ତୁତ ହୋଇଯାଏ। ତେବେ ଯେଉଁ ପରିବାରର ଲୋକେ ଜଡ଼ା ତେଲ ପାରମ୍ପରିକ ପଦ୍ଧତିରେ ତିଆରି କରୁଛନ୍ତି ସେମାନଙ୍କ ନିକଟରେ ସ୍ଥାନ ଓ ଅର୍ଥ ଅଭାବ ଯୋଗୁଁ ଜଡ଼ା ଗଛ ଲଗାଇ ନ ପାରି ବଜାରରୁ ଜଡ଼ା ମଞ୍ଜି କିଣି ନେଇ ତିଆରି କରୁଛନ୍ତି। ଫିରିଙ୍ଗିଆ ବ୍ଲକରେ ଅଳ୍ପ କିଛି ପରିବାର ପାରମ୍ପରିକ ପଦ୍ଧତିରେ ଜଡ଼ା ତେଲ ପ୍ରସ୍ତୁତ କରି ବିକ୍ରବଟା କରୁଛନ୍ତି। ପ୍ରଶାସନ ପକ୍ଷରୁ ସୁବିଧା ସହଯୋଗ ମିଳିଲେ ଅଧିକ ଲାଭ ସହ ଅଧିକ ଲୋକ ଏହି ବ୍ୟବସାୟ କରିବେ ବୋଲି ତେଲ ପ୍ରସ୍ତୁତ କରୁଥିବା ମହିଳା କହିଛନ୍ତି।



ପାରମ୍ପରିକ ପଦ୍ଧତିରେ ପ୍ରସ୍ତୁତ କରାଯାଇଥିବା ଅସଲି ଜଡ଼ା ତେଲ ମଣିଷର ଦୈନନ୍ଦିନ ଜୀବନରେ ବିଭିନ୍ନ କାମରେ ଆସିଥାଏ। ଖରାଦିନେ ଜଡ଼ା ତେଲ ମୁଣ୍ଡରେ ଲଗାଇଲେ ମୁଣ୍ଡ ଥଣ୍ଡା ରୁହେ। ସେହିପରି ଗାଈଗୋରୁଙ୍କ ଶିଙ୍ଘରେ ଜଡ଼ା ତେଲ ଲଗାଯାଏ। ଗାଈଗୋରୁଙ୍କ ଶରୀରରେ କୌଣସି କ୍ଷତ ହେଲେ ଜଡ଼ା ତେଲ ଲେପନ କରାଯାଏ । ତାଛଡା କନ୍ଧମାଳ ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ବାହାଘର ସମୟରେ ଉଭୟ ବର ଓ କନିଆ ନିମନ୍ତେ ତେଲ ହଳଦୀର ପ୍ରଚଳନ ରହିଥିବାରୁ ଏହି ସମୟରେ ଲୋକେ ଅଧିକ ଜଡ଼ା ତେଲର ଆବଶ୍ୟକ କରିଥାନ୍ତି ।ତାଛଡା ବିଭିନ୍ନ ପ୍ରକାର ଔଷଧ ପ୍ରସ୍ତୁତ ପାଇଁ ଜଡ଼ା ତେଲର ବ୍ୟବହାର କରାଯାଏ। ବିଶେଷ କରି ବାତ ରୋଗରେ ପୀଡିତଙ୍କୁ ଜଡ଼ା ତେଲରେ ମାଲିସ କରାଯାଏ।

## ମୁଲୁକଚେରୀ-ସିର୍କାବର୍ଗ ରାସ୍ତା ଶୋଚନୀୟ



**ଦାରିଙ୍ଗବାଡି,୧୧୨(ସମିସ):** ପ୍ରତ୍ୟେକ ଦିନ ରାସ୍ତାରେ ଶହ ଶହ ଲୋକ ଯାତାୟାତ କରୁଛନ୍ତି । ହେଲେ ଯାତାୟାତ ରାସ୍ତା ଅବସ୍ଥା ନ କହିବା ଭଲ । ଘାଟି ପାହାଡ଼ ଦେଇ ଯାଇଥିବା ଖାଲଖମା ରାସ୍ତା ଲୋକଙ୍କ ପାଇଁ ଏବେ ବିପଦସଙ୍କୁଳ ପାଲଟିଛି। ପ୍ରତ୍ୟେକ ମୁହୂର୍ତ୍ତରେ ଦୁର୍ଘଟଣାର ଭୟ ରହୁଛି। ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ। ମୁଲୁକଚେରି ଛକ ଠାରୁ ସିର୍କାବର୍ଗ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ପାଲଟିଛି ମରଣଯନ୍ତା । ୨୦ କିଲୋମିଟର ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡିଛି । ରାସ୍ତା ସାରା ଖାଲଖମାରେ ଭର୍ତ୍ତି ହୋଇଯାଇଛି। ରାସ୍ତାରୁ ଗୋଡି ଓ ମେଟାଲ ବାହାରି ରହିଛି। ମୁଲକଚେରି ଠାରୁ ବିରାଗାଡ଼ା ରାସ୍ତା ମଧ୍ୟରେ ବଡ ବଡ ଖାଲଖମା ହୋଇଥିବା ବେଳେ ଦନେକବାଡ଼ି ଠାରୁ ସିର୍କାବର୍ଗ ରାସ୍ତା ଘାଟି ପାହାଡ଼ ରାସ୍ତା ହୋଇଥିବା ବେଳେ ପ୍ରତ୍ୟେକ ବୁଲାଣିରେ ରାସ୍ତାର ସମ୍ପୂର୍ଣ୍ଣ ପିଚୁ ଉଠିଯାଇଛି । ଏଥିଯୋଗୁଁ ଗୋଡି ବାହାରି ରହିଛି । ଲୋକେ ଯାତାୟାତ ବେଳେ ଗାଡ଼ି ଚକାରେ ଗୋଡି ବାଜିବା ଫଳରେ ଦୁର୍ଘଟଣା ବୃଦ୍ଧି ପାଉଛି । ୩ ଦିନ ମଧ୍ୟରେ ଉକ୍ତ ଘାଟି ରାସ୍ତାରେ ୨ ଜଣ ଶିକ୍ଷୟିତ୍ରୀ ସ୍କୁଟରରୁ ପଡ଼ି ଆହତ ହୋଇଥିବା ବେଳେ ସିର୍କାବର୍ଗର ଦୁଇ ଜଣ ବାଇକ୍‌ରେ ଯିବାବେଳେ ଗାଡ଼ି ଚକା ଖସି ଯାଇ ଦୁର୍ଘଟଣା ଘଟି ଆହତ ହୋଇଥିଲେ। ଗୋଟିଏ ମାସ ମଧ୍ୟରେ ଉକ୍ତ ରାସ୍ତାରେ ଏକାଧିକ ଦୁର୍ଘଟଣା ଘଟିଛି । ଉକ୍ତ ରାସ୍ତା ଉପରେ ସିର୍କାବର୍ଗ ପଞ୍ଚାୟତର ୫ ହଜାର ଗ୍ରାମବାସୀ, ଦନେକବାଡ଼ି ପଞ୍ଚାୟତର ୬ ହଜାରରୁ ଅଧିକ ଗ୍ରାମବାସୀ ଓ କୋଟଗଡ ବ୍ଲକ ଅଞ୍ଚଳ ଲୋକ ନିର୍ଭରଶୀଳ। ହେଲେ ରାସ୍ତା ଅବସ୍ଥା ଭଲ ନ ଥିବା ଯୋଗୁଁ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି । ଏନେଇ ସିର୍କାବର୍ଗ ଓ ଦନେକବାଡ଼ି ଗ୍ରାମବାସୀ ଆନେକ୍ ବାର ଜିଲ୍ଲାପାଳ ଅଭିଯୋଗ ଶୁଣାଣି ଓ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା ଫଳ ମିଳୁନି। ରାସ୍ତା ଶୋଚନୀୟ ଯୋଗୁଁ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଉଛି । ଯଥା ଶୀଘ୍ର ଉକ୍ତ ରାସ୍ତାର ମରାମତି କରାଯିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ରାସ୍ତା ମରାମତି କରା ନ ଗଲେ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବା ସହ ନେତାକୁ ଗାଁରେ ପୁରାଇ ଦେବେନି ବୋଲି ଗ୍ରାମବାସୀ କହିଛନ୍ତି।

## ପାଳଗଦା ସହ ଜଳିଗଲା ରବି ଫସଲ



**ଗୋଷାଣି,୧୧୨(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ଗୁରାଣ୍ଡି ଗ୍ରାମ ନିକଟସ୍ଥ ଚାଷ ଜମିରେ ନିଆଁ ଲାଗି ପାଳଗଦା ସମେତ ରବି ଫସଲ ଜଳି ଯାଇଛି। ଗୁରୁବାର ଅପରାହ୍ନ ସମୟରେ ଗୁରାଣ୍ଡି ଗ୍ରାମ ନିକଟସ୍ଥ ଚାଷ ଜମିରେ ହଠଶତ ନିଆଁ ଲାଗିଯାଇଥିଲା । ଏଥିରେ ଉମା ଜେନା ନାମକ ଜଣେ ଚାଷୀଙ୍କ ପାଞ୍ଚ ଏକର ଜମିର ପାଳ ଗଦା ସହ କରୁଣାକର ଜେନାଙ୍କ ପ୍ରାୟ ଦୁଇ ଏକର ପାଳଗଦାରେ ନିଆଁ ଲାଗି ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି । ସେହିପରି ଜମିରେ ରବି ଫସଲ ନିମନ୍ତେ ବିରି, ମୁଗ ଫସଲ ମଧ୍ୟ ପୋଡି ନଷ୍ଟ ହୋଇଥିବାର ଜଣାପଡିଛି । ଖବର ପାଇ ପାରଳାଖେମୁଣ୍ଡି ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର

**ଫିରିଙ୍ଗିଆ,୧୧୨(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ପଞ୍ଚାୟତ ମିନି ଷ୍ଟାଡିଅମରେ ସରପଞ୍ଚ ରଞ୍ଜିତା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆମ ଓଡ଼ିଶା ନବୀନ ଓଡ଼ିଶାର ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଫିରିଙ୍ଗିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ନମିତା କହଁର, ସମ୍ମାନିତ ଅତିଥି ଭାବେ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା, ଜିଲ୍ଲା ପରିଷଦ ଜୋନ ୧୨ ସଭ୍ୟ ନୀଳଗିରି ଦିଗାଲ, ଡିଣ୍ଡିରାଗାଁ ସମିତିସଭ୍ୟା କଳ୍ପନା ପାତ୍ର, ଓଡ଼ିଶା ଜୀବିକା ମିଶନର ସଂଗ୍ରାମ କେଶରୀ ସାହୁ, ଫିରିଙ୍ଗିଆ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ଆଶାଲକ୍ଷ୍ମୀ ନରେନ୍ଦ୍ର, ଫିରିଙ୍ଗିଆ ବ୍ଲକ ବିଜୁ ଜନତା ଦଳ ସଭାପତି ରଜନୀକାନ୍ତ ମଲ୍ଲିକ,ଫିରିଙ୍ଗିଆ ପ୍ରେସ କ୍ଲବ ସଭାପତି ଉତ୍ତମ ଖମାରୀ, ଡିଣ୍ଡିରାଗାଁ ପଞ୍ଚାୟତ ସ୍ତରୀୟ ମହାସଂଘ ସଭାପତି ରମଣୀ ଦିଗାଲ, ସମ୍ପାଦିକା ଝରଣା ଦିଗାଲ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ



ସରକାରଙ୍କ ବିଭିନ୍ନ ଯୋଜନାର ରୂପାନ୍ତରକରଣ ବିଷୟରେ ମାର୍ଗଦର୍ଶନ କରାଯାଇଥିଲା। କାଳିଆ ଯୋଜନା, ସାମାଜିକ ସୁରକ୍ଷା ଭତ୍ତା, ରେସନ କାଡର୍, ମମତା ଯୋଜନା ଓ ପ୍ରତ୍ୟେକ ଗାଁକୁ ପକ୍କା ରାସ୍ତା ସହ ମିଶନ ଶକ୍ତି ମହିଳାଙ୍କ ପାଇଁ ବହୁ ବିକାଶ ମୂଳକ କାର୍ଯ୍ୟ ପ୍ରସ୍ତୁତ କରାଯାଇଥିବା ଅତିଥି ପ୍ରକାଶ କରିଥିଲେ। ଏଥିରେ ବିଭିନ୍ନ ବିଭାଗ ପକ୍ଷରୁ ଆକର୍ଷଣୀୟ ଷ୍ଟଲ ଖୋଲାଯାଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସଚେତନତା କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମାଜିକ ଚାଲିଚଳନ ଓ ସୁରକ୍ଷାକୁ ନେଇ ସଚେତନ ମୂଳକ ନାଟକ ଓ ନୃତ୍ୟ ପରିବେଷଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ସାମ୍ବାଦିକ ସୁବ୍ରତ ମହାନ୍ତି ପରିଚାଳନା କରିଥିବା ବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜୁଲିଲତା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମ ରୋଜଗାର ସେବକ ପୁରଞ୍ଜନ କହଁର,ବିଏଫଟି ଅଶୋକ କୁମାର ଦେହୁରୀଙ୍କ ସହ ସମସ୍ତ ଗାଁ ସାଥୀ, ୱାଡର୍ ସଭ୍ୟ/ସଭ୍ୟା, ଏମବିକେ, ସିଆରପିଙ୍କ ସମେତ ପଞ୍ଚାୟତବାସୀ ସହଯୋଗ କରିଥିଲେ।

## କ୍ରୀଡ଼ା ଶିକ୍ଷୟିତ୍ରୀ ପୁରସ୍କୃତ



**ରାଇକିଆ,୧୧୨(ସମିସ):** କନ୍ଧମାଳ ଜିଲ୍ଲା ରାଇକିଆ ସେଣ୍ଟ୍ କ୍ୟାଥରିନ ବାଳିକା ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ବିଜୟା କାଣ୍ଡୁଲିନିଙ୍କୁ କନ୍ଧମାଳ ଜିଲ୍ଲାର ଶ୍ରେଷ୍ଠ କ୍ରୀଡ଼ା ଶିକ୍ଷୟିତ୍ରୀ ଭାବେ ରାଜ୍ୟ ସରକାରଙ୍କ ପକ୍ଷରୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର'ରେ ପୁରସ୍କୃତ କରାଯାଇଛି। ୩୫ ବର୍ଷ ଧରି ସେଣ୍ଟ୍ କ୍ୟାଥରିନ ବାଳିକା ଉଚ୍ଚ ବିଦ୍ୟାଳୟରେ କ୍ରୀଡ଼ା ଶିକ୍ଷୟତ୍ରୀ ଭାବେ ସେ କାର୍ଯ୍ୟ କରି ଆସୁଛନ୍ତି। ପୂର୍ବତନ ପ୍ରଧାନ ଶିକ୍ଷକ ସୀମାଞ୍ଚଳ ଦିଗାଲଙ୍କ ପ୍ରଚେଷ୍ଟାରେ ଓ କ୍ରୀଡ଼ା ଶିକ୍ଷୟିତ୍ରୀଙ୍କ ପ୍ରଚେଷ୍ଟାରେ ବିଦ୍ୟାଳୟ କ୍ରୀଡ଼ାରେ ହକିକୁ ସାମିଲ କରାଯାଇ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଗତ କିଛି ବର୍ଷ ମଧ୍ୟରେ ବିଦ୍ୟାଳୟ ତିନି ଥର ରାଜ୍ୟ ସ୍ତରୀୟ ହକିରେ ଅଂଶ ଗ୍ରହଣ କରିବା ସହ ବିଭିନ୍ନ ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲା। ବିଦ୍ୟାଳୟର ଜଣେ କ୍ରୀଡ଼ାବିତ୍ ଲିପିତା ପ୍ରଧାନ କର୍ଣ୍ଣାଟକରେ ଅନୁଷ୍ଠିତ ଜାତୀୟ ବିଦ୍ୟାଳୟ ସ୍ତରୀୟ ହକି ପ୍ରତିଯୋଗିତାରେ ଭାଗ ନେଇଥିଲେ। କ୍ରୀଡ଼ା ଶିକ୍ଷୟତ୍ରୀ ପୁରସ୍କୃତ ଖବର ପାଇ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ଅଞ୍ଚଳବାସୀ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି।

## ପରିବା ବେପାରୀଙ୍କୁ ରାସ୍ତାରେ ହାଣିଲେ ଦୃର୍ବୃତ୍ତ

**ସାନଖେମୁଣ୍ଡି, ୧୧୨ (ସମିସ):** ଆସିକା-ଦିଗପହଣ୍ଡି ମୁଖ୍ୟ ରାସ୍ତା ଚୁଡ଼ଙ୍ଗପୁର ଗ୍ରାମ ନିକଟରେ ଜଣେ ପରିବା ବିକାଳିକୁ କିଛି ଦୁବୃର୍ତ୍ତ ଆକ୍ରମଣ କରି ଟଙ୍କା ମୋବାଇଲ ନେଇଯାଇଥିବା ଜଣାପଡ଼ିଛି । ଯୁବକ ଜଣଙ୍କ ପାଟପୁର ଥାନା ପାଟପୁର ଗ୍ରାମର ସୁରେନ୍ଦ୍ର ସାହୁ । ସୂଚନା ମୁତାବକ ସୁରେନ୍ଦ୍ର ନିଜ ଏକ୍ସେଲ ଗାଡ଼ିରେ ପରିବା ବିକ୍ରୀ କରି ଘରକୁ ଫେରୁଥିବା ବେଳେ ଚୁଡ଼ଙ୍ଗପୁର ଗ୍ରାମ ନିକଟରେ କିଛି ଦୁର୍ବୃତ୍ତ ରାସ୍ତାରେ ଅଟକାଇ ଯୁବକ ଜଣଙ୍କ ହାତ ଓ ଗୋଡ଼କୁ ହାଣି ସେ ଧରିଥିବା ଟଙ୍କାକୁ ନେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଲେ। ପରିବା ବିକାଳୀ ଜଣଙ୍କ ରାସ୍ତାରେ ପଡିଥିବା ଦେଖି କିଛି ଲୋକ ଉଦ୍ଧାର କରି ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପାଟପୁର ପୁଲିସ ଓ ଦିଗପହଣ୍ଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି।



## ମୋହନା ପ୍ରେସ୍ କ୍ଲବର ୩ୟ ବାର୍ଷିକ ଉତ୍ସବ



**ମୋହନା,୧୧୨(ସମିସ):** ଗଜପତି ଜିଲ୍ଲା ମୋହନା ପ୍ରେସ କ୍ଲବର ୩ୟ ବାର୍ଷିକ ଉତ୍ସବ ବୁଧବାର ସ୍ଥାନୀୟ ବାଳିକା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଥିଲା । ପ୍ରେସ କ୍ଲବ୍ ସଭାପତି ପଞ୍ଚାନନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବରିଷ୍ଠ ସଦସ୍ୟ ବାବୁଲା ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ସୁମନ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ମୋହନା ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ବିଶୋଇ, ମୁଖ୍ୟବକ୍ତା ଗୋଷ୍ଠୀ ଶିକ୍ଷାଧିକାରୀ ନରେନ୍ଦ୍ର ବେହେରା ଯୋଗ ଦେଇ ଗଣମାଧ୍ୟମ ଯୋଗୁଁ ଲୋକ ତଥା ଅଞ୍ଚଳର ସମସ୍ୟା ଲୋକଲୋଚନକୁ ଆସିଥାଏ। ଯାହାର ସମାଧାନ ପାଇଁ ପ୍ରଶାସନକୁ କ୍ରିୟାଶୀଳ ହେବାକୁ ପଡ଼ିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଗଜପତି ପ୍ରେସ କ୍ଲବର ବରିଷ୍ଠ ସଦସ୍ୟ ବସନ୍ତ ପଣ୍ଡା, ରା.ଉଦୟଗିରି ପ୍ରେସ କ୍ଲବ୍ ସଭାପତି ମମତାଜ୍ ମହମ୍ମଦ ଯୋଗ ଦେଇଥିଲେ। ଏହି ଅବସରରେ ସମସ୍ତ ଅତିଥି, ଗଜପତି ପ୍ରେସ କ୍ଲବର ସଦସ୍ୟ ଓ ରା. ଉଦୟଗିରି ପ୍ରେସ କ୍ଲବ୍ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯକ୍ରମରେ ମୋହନା ପ୍ରେସ କ୍ଲବ ଉପଦେଷ୍ଟା ଲକ୍ଷ୍ମଣ ଚୌଧୁରୀ, ବଶିଷ୍ଠ ସଦସ୍ୟ ଗଣେଶ ବିଶୋଇ, ବାଦଲ ବେହେରା, ଆଇନ ପରାମର୍ଶଦାତା ଦୁର୍ଯ୍ୟଧନ କରାଡ, ଯୁବକ ସଂଘ ସମ୍ପାଦକ ଜିତେନ୍ଦ୍ର ବେହେରା, ଉପସଭାପତି ନୃସିଂହ ନାଥ ପୁଜାରୀ, ସହ ସମ୍ପାଦକ ଅଂଶୁମାନ ପଣ୍ଡା, କୋଷାଧ୍ୟକ୍ଷ ପିଣ୍ଟୁ ପ୍ରଧାନ, ସଦସ୍ୟ ଶ୍ରୀହରି ପ୍ରଧାନ, ମନ୍ମଥ ମିଶ୍ର, ଓମ ପ୍ରସାଦ ରଥ, ମୁକ୍ତି ମଣ୍ଡପ ଦଣ୍ଡସେନା ଓ ମୋଜେସ ରଇତ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ବ୍ରହ୍ମପୁରର ରାଜ୍ ଅର୍କେଷ୍ଟ୍ରା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଯାତ୍ରୀବାହୀ ବସ୍ ଦୁର୍ଘଟଣା, ପାଞ୍ଚ ଆହତ



**ମୋହନା,୧୧୨(ସମିସ):** ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ରାଇସିଂ ଛକ ନିକଟରେ ଗୁରୁବାର ସକାଳେ ବିକ୍ରାନ୍ତ ନାମକ ଏକ ଯାତ୍ରୀବାହୀ ବସ୍ ଗଛକୁ ଧକ୍କା ହେବାରୁ ୧୨ଜଣ ଯାତ୍ରୀଙ୍କ ମଧ୍ୟରୁ ପାଞ୍ଚ ଜଣ ଆହତ ହୋଇଥିଲେ। ଅଗ୍ନିଶମ ବିଭାଗ ପହଞ୍ଚି ସମସ୍ତ ଆହତଙ୍କୁ ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା । ଜଣେ ଯାତ୍ରୀଙ୍କ ହାତ ଭାଙ୍ଗିଯାଇଥିବା ବେଳେ ଅନ୍ୟ ଚାରି ଜଣ ସାମାନ୍ୟ ଆହତ ହୋଇଛନ୍ତି । ବସ୍ କନ୍ଧମାଳ ଜିଲ୍ଲା ଗଦାପୁରରୁ ବ୍ରହ୍ମପୁର ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଗଛକୁ ଧକ୍କା ହୋଇଥିବା ଜଣାପଡିଛି । ମୋହନା ପୁଲିସ ଗାଡି ଚାଳକ ପ୍ରଫୁଲ୍ଲ କୁମାର ପ୍ରଧାନଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି।

**ଫ୍ରଣ୍ଟଲାଇନ ମିଡିଆ ଆସୋସିଏସନର କର୍ମକର୍ତ୍ତା ନିର୍ବାଚନ**

## ସୁନୀଲ ବିଶ୍ୱାଳ ସଭାପତି, ସୁଜିତ ବେହେରା ସମ୍ପାଦକ

**ଫୁଲବାଣୀ,୧୧୨(ସମିସ):** ମୁଖ୍ୟଧାରାର ଅଗ୍ରଣୀ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଗଠିତ ଜିଲ୍ଲା ଫ୍ରଣ୍ଟଲାଇନ ମିଡିଆ ଆସୋସିଏସନର ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଆସୋସିଏସନର ସମସ୍ତ ସଦସ୍ୟ ଏହି ବୈଠକରେ ଯୋଗ ଦେଇ ସଙ୍ଗଠନର ଆଭିମୁଖ୍ୟ ଓ ଆଗାମୀ କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ନିଜର ଦାୟିତ୍ୱ ସଠିକ ଭାବେ ନିର୍ବାହ କରିବା ସହିତ ନିରପେକ୍ଷ ଓ ଗଠନମୂଳକ ସମ୍ବାଦ ପରିବେଷଣ ଉପରେ ଗୁରୁତ୍ୱ ଦେବା ପାଇଁ ମତ ରଖିଥିଲେ ଅଧିକାଂଶ ସଦସ୍ୟ। ଏ ଅବସରରେ ଆଗାମୀ ଏକ ବର୍ଷ ପାଇଁ ଆସୋସିଏସନର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସୁନିଲ ବିଶ୍ୱାଳଙ୍କୁ ସଭାପତି ଭାବେ ନିର୍ବାଚିତ କରାଯାଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ବ୍ରଜ ବିହାରୀ ନନ୍ଦ, ଉପସଭାପତି ଭାବେ ତ୍ରିନାଥ ସାହୁ, ସାଧାରଣ ସମ୍ପାଦକ ଭାବେ ସୁଜିତ ବେହେରା, ସହ ସମ୍ପାଦକ ରାକେଶ ରାଉତ ଓ କୋଷାଧ୍ୟକ୍ଷ ଭାବେ ସଞ୍ଜୟ ପାତ୍ରଙ୍କୁ ମନୋନିତ କରାଯାଇଥିଲା। ସେହିଭଳି ଅଜିତ ମହାରଣା, ଡ.ରଞ୍ଜନ କୁମାର ପ୍ରଧାନ ଓ ଅଶୋକ ମହାନ୍ତିଙ୍କୁ କାର୍ଯ୍ୟକାରୀ ସଦସ୍ୟ ରଖାଯାଇଛି। ବରିଷ୍ଠ ସାମ୍ବାଦିକ ଶିବ ପ୍ରସାଦ ତ୍ରିପାଠୀଙ୍କୁ ସଙ୍ଘର ଉପଦେଷ୍ଟା ଦାୟିତ୍ୱ ଦିଆଯାଇଛି। ସ୍ଥାନୀୟ ସର୍କିଟ ହାଉସରେ ଆୟୋଜିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉତ୍ପଳ କୁମାର ସାହୁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



**କର୍ତ୍ତୃପକ୍ଷ ଶୁଣିଲେନି**

## ଅଟୋ ସଂଘ ସଦସ୍ୟ କଲେ ରାସ୍ତା ମରାମତି

**ଜି.ଉଦୟଗିରି,୧୧୨(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ ଶ୍ରୀରାମପଦାରୁ ରଟିଙ୍ଗିଆ ଗ୍ରାମକୁ ଯାଇଥିବା ୪ ରୁ ୫ କିମି ରାସ୍ତା ଅବସ୍ଥା ସବୁବେଳେ ଖରାପ ରହୁଥିବା ଅଭିଯୋଗ ହେଉଛି। ଏହି ରାସ୍ତା ଉପରେ ଶତାଧିକ ଅଟୋ ସହିତ ଅନ୍ୟାନ୍ୟ ଯାନବାହାନ ଯିବା ଆସିବା କରିଥାଏ। ଆଖପାଖ ୧୦ ଖଣ୍ଡ ଗ୍ରାମର ଗ୍ରାମବାସୀ ଏହି ରାସ୍ତା ଉପରେ ନିର୍ଭରଶୀଳ। ହେଲେ ରାସ୍ତା ଅବସ୍ଥା ଶୋଚନୀୟ ହେବା ଫଳରେ ଲୋକେ ନାହିଁ ନ ଥିବା ହଇରାଣ ହେଉଥିବା ବେଳେ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଗ୍ରାମବାସୀଙ୍କ ସହିତ ରଟିଙ୍ଗିଆ ଅଟୋ ସଂଘ ତରଫରୁ ବାରମ୍ବାର ରାସ୍ତା ମରାମତି ପାଇଁ ଗୁହାରି କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ନ ମିଳିବା ଫଳରେ ଗୁରୁବାର ରଟିଙ୍ଗିଆ ଅଟୋ ମାଲିକ ସଂଘ ତରଫରୁ ଏହି ରାସ୍ତାକୁ ମରାମତି କରାଯାଇ ଉଦାହରଣ ସୃଷ୍ଟି କରାଯାଇଛି। ସଂଘ ସଭାପତି ଫିଲିମନ ପ୍ରଧାନ ଏବଂ ସମ୍ପାଦକ ରଞ୍ଜନ ମାୟକଙ୍କ ତତ୍ତ୍ୱାବଧାନରେ ଗୁରୁବାର ସଂଘ କର୍ମକର୍ତ୍ତା ବାହାରି ହାତରେ କୋଡି ଶାବଳ ଧରି ମାଟି ଖୋଳି ରାସ୍ତାରେ ପକାଇ ସମତଳ କରିଥିଲେ। ଏଥିରେ କିଶନ କୁମାର ନାୟକ, ବିରାଜ ନାୟକ, ଲୁଲୁ ନାୟକ, ସଲିମ ନାୟକ, ଅଭି ନାୟକ, ଗନପତି ପ୍ରଧାନ, ଚିଙ୍କୁ ପାଣ୍ଡେ ପ୍ରଧାନ, କିଟୁ ନାୟକ, ରାଜୁ ନାୟକ, ମୋତି ପ୍ରଧାନ, ଦୟାବାନ ପ୍ରଧାନ, ଦୀପକ ପ୍ରଧାନ ଓ ଦେବ ପ୍ରଧାନ ସହଯୋଗ କରିଥିଲେ। ରାସ୍ତା ମରାମତି ହେବା ଫଳରେ ଜନସାଧାରଣ ଉପକୃତ ହେବା ସହିତ ସଂଘର ଏହି ମହାନ୍ କାମ ପାଇଁ ପ୍ରଶଂସା କରିଛନ୍ତି।



## ମଦ ସହ ବାଇକ ଜବତ, ଜଣେ ଗିରଫ

**ଖଲ୍ଲିକୋଟ,୧।୨(ସମିସ):** ବେଆଇନ ଦେଶୀ ମଦ ଚୋରା ଚାଲାଣବେଳେ ଖଲ୍ଲିକୋଟ ପୁଲିସ ଚଢ଼ାଉ କରି ୪୦ ଲିଟର ଦେଶୀ ମଦ ସହ ଗୋଟିଏ ବାଇକ ଜବତ କରିଛି । ଗୁହାରିଆପାଟରୁ ବେଆଇନ ଦେଶୀ ମଦ ଚୋରା ଚାଲାଣ ହେଉଥିବା ଖବର ପାଇ ଖଲ୍ଲିକୋଟ ଥାନା ଏଏସଆଇ ହୃଷିକେଶ ସାମଲ, କନଷ୍ଟେବଳ ମନୋରଞ୍ଜନ ଦାସ ଓ ସରୋଜ ପଟ୍ଟନାୟକ ଖୋଜାପଲ୍ଲୀ ଗ୍ରାମ ନିକଟରେ ଚଢ଼ାଉ କରି ୪୦ ଲିଟର ଦେଶୀ ମଦ ସହ ଗୋଟିଏ ବାଇକ ନମ୍ବରଙ୍କ(ଓଡି୦୭ବି ୫୫୮୯)କୁ ଜବତ କରିଥିଲେ । ଏଥିସହ ଦେଶୀ ମଦ ଚୋରା ଚାଲାଣ କରୁଥିବା ଅଭିଯୋଗରେ ସାଲୁ ପାହାନ ନାମକ ଜଣେ ଯୁବକକୁ ଗିରଫ କରିଛନ୍ତି । ଏନେଇ ଖଲ୍ଲିକୋଟ ଥାନା କେସ ନମ୍ବର ୬୬/୨୪ ଅନୁଯାୟୀ ମାମଲା ରୁଜୁ ହୋଇଛି ।

- ଏନ୍ଏସି ଅଧ୍ୟକ୍ଷଙ୍କ ଜାତିଗତ ପ୍ରମାଣପତ୍ରକୁ ନେଇ ମାମଲା

## ୬ ସପ୍ତାହ ମଧ୍ୟରେ ତଦନ୍ତ ନିର୍ଦ୍ଦେଶ

**ଖଲ୍ଲିକୋଟ,୧।୨(ସମିସ):** ଖଲ୍ଲିକୋଟ ଏନଏସି ଅଧ୍ୟକ୍ଷ ଇଂ. ନିରଞ୍ଜନ ବେହେରାଙ୍କ ଜାତିଗତ ପ୍ରମାଣପତ୍ରକୁ ନେଇ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଛି ।୨୦୨୨ ଏପ୍ରିଲରେ ଖଲ୍ଲିକୋଟ ଏନଏସିର ୧୨ଟି ୱାର୍ଡ ଓ ଅଧ୍ୟକ୍ଷ ପଦବୀ ପାଇଁ ସିଧାସଳଖ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ।୧୦ ନମ୍ବର ୱାର୍ଡର ଭୋଟର ନିରଞ୍ଜନ ବେହେରା ଏନଏସି ଅଧ୍ୟକ୍ଷ ପଦବୀ ପାଇଁ ଅନୁସୂଚିତ ଜାତି ପ୍ରମାଣପତ୍ର ଦେଇ ମନୋନୟନ ପତ୍ର ଦାଖଲ କରିଥିଲେ ଏବଂ ନିର୍ବାଚନରେ ବିଜୟୀ ମଧ୍ୟ ହୋଇଥିଲେ । ତେବେ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ଶିଖରପୁର ଗ୍ରାମର ପିଣ୍ଟୁ ଦାସ ଖଲ୍ଲିକୋଟ ଏନଏସି ଅଧ୍ୟକ୍ଷଙ୍କ ଅନୁସୂଚିତ ଜାତି ପ୍ରମାଣପତ୍ର ଉପରେ ପ୍ରଶ୍ନ ଉଠାଇ ଓଡ଼ିଶା ହାଇକୋର୍ଟରେ ଏକ ରିଟ ପିଟିସନ ଦାଖଲ କରିଥିଲେ । ଏ ସମ୍ପର୍କରେ ହାଇକୋର୍ଟ କେସ ନମ୍ବର ଡବ୍ଲ୍ୟୁପିସି ୪୨୦୯୩/୨୦୨୩ ଅନୁଯାୟୀ ମାମଲା ରୁଜୁ ହୋଇଛି । ହାଇକୋର୍ଟ ଏହି ମାମଲାରେ ଗଞ୍ଜାମ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଖଲ୍ଲିକୋଟ ତହସିଲଦାର, ନିରଞ୍ଜନ ବେହେରାଙ୍କ ସମେତ ୭ ଜଣଙ୍କୁ ପକ୍ଷଭୁକ୍ତ କରିଛନ୍ତି । ଗତ ଜାନୁଆରୀ ୨୨ରେ ହାଇକୋର୍ଟ ବିଚାରପତି ଜଷ୍ଟିସ ଆର.କେ. ପଟ୍ଟନାୟକ ୬ ସପ୍ତାହ ମଧ୍ୟରେ ତଦନ୍ତ କରି ଅଦାଲତଙ୍କୁ ଜଣାଇବା ପାଇଁ ଗଞ୍ଜାମ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ପିଣ୍ଟୁ ଦାସଙ୍କ ତରଫରୁ ଆଇନଜୀବୀ ହୃଦାନନ୍ଦ ମହାପାତ୍ର ମାମଲା ପରିଚାଳନା କରୁଛନ୍ତି ।

## ଅଗ୍ନିଶମ କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

**ବୁଗୁଡ଼ା,୧।୨(ସମିସ):** ରାଜ୍ୟର ସମସ୍ତ ଅଗ୍ନିଶମ କର୍ମଚାରୀ ଦୁଇ ଦଫା ଦାବି ନେଇ କଳାବ୍ୟାଜ ପରିଧାନ ପୂର୍ବକ ଗତ ୧୧ ଡିସେମ୍ବର ଠାରୁ କାର୍ଯ୍ୟକରି ଆସୁଥିବା ବେଳେ ବୁଗୁଡ଼ା ଅଗ୍ନିଶମ ବିଭାଗର ୧୨ ଜଣ କର୍ମଚାରୀ ମଧ୍ୟ ଏଥିରେ ସାମିଲ ହୋଇଛନ୍ତି । ପୁଲିସ ସହିତ ସମାନ ଦରମା ଓ ଭତ୍ତା ଏବଂ ଅଗ୍ନିଶମ କର୍ମଚାରୀ ସଂଘର ପଞ୍ଜୀକରଣ ଭଳି ଦୁଇ ଦଫା ଦାବି ନେଇ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ ଲିଖିତାକାରରେ ଅବଗତ କରିଥିଲେ ହେଁ କୌଣସି ସୁଫଳ ମିଳୁନଥିବାରୁ ଅଗ୍ନିଶମ ଅଧିକାରୀମାନେ ଏଭଳି ପନ୍ଥା ଆପଣାଇଛନ୍ତି । ଯେତେ ଦିନ ପର୍ଯ୍ୟନ୍ତ ସରକାର ଉକ୍ତ ଦାବି ଦୁଇଟିକୁ ଗ୍ରହଣ ନ କରିବେ ସେତେ ଦିନ ପର୍ଯ୍ୟନ୍ତ ଅଗ୍ନିଶମ କର୍ମଚାରୀମାନେ ଏଭଳି କଳାବ୍ୟାଜ ପରିଧାନ ପୂର୍ବକ ଏକବେଳା ଖାଦ୍ୟ ଖାଇ କାର୍ଯ୍ୟ କରିବେ ଏବଂ ଆଗାମୀ ଦିନରେ ଏହି ଆନ୍ଦୋଳନ ତୀବ୍ରତର ହେବ ବୋଲି ପ୍ରକାଶ ପାଇଛି ।

## ଡାକ୍ତରଙ୍କ ଘରେ କଳାକାନା ବୁଲାଇଲେ ଦୁର୍ବୃତ୍ତ

**ବ୍ରହ୍ମପୁର,୧।୨(ସମିସ):** ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବାପୁଜୀନଗର ୨ୟ ଲାଇନ୍ ନିବାସୀ ଜଣେ ଡାକ୍ତରଙ୍କ ତାଲାବନ୍ଦ ଘରୁ ବଡ଼ଧରଣର ଚୋରି ହୋଇଛି । ଘରେ କେହି ନଥିବାର ସୁଯୋଗ ନେଇ ଚୋରମାନେ ଘରେ ଥିବା ୨ଟି ଆଲମୀରା ଭାଙ୍ଗି ସେଥିରେ ଥିବା ପ୍ରାୟ ୨୦ ଭରି ଓଜନର ସୁନା ଅଳଙ୍କାର ଓ କିଛି ନଗଦ ଟଙ୍କା ଚୋରାଇ ନେଇଛନ୍ତି । ଖବରପାଇ ଗୁରୁବାର ସନ୍ଧ୍ୟାରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୂଚନା ପ୍ରକାରେ, ଛତ୍ରପୁର ଉପଖଣ୍ଡ ଡାକ୍ତରଖାନାରେ କାର୍ଯ୍ୟରତ ଡା. ଜ୍ୟୋସ୍ନାରାଣୀ ସେଠୀଙ୍କ ଗତକାଲି ନାଇଟ ଡ୍ୟୁଟି ଥିବାରୁ ସେ ଘରେ ତାଲା ପକାଇ ଛତ୍ରପୁର ଚାଲି ଯାଇଥିଲେ । ବୁଧବାର ବିଳମ୍ବିତ ରାତିରେ ଚୋରମାନେ ଘର ଭିତରକୁ ଯାଇ ଘରର ଗ୍ରୀଲ, ତାଲା ଓ ବେଡ଼ରୁମର ଲୁହା ଝରକା କବାଟ କାଟି ଦୁଇଟି ଆଲମାରୀରୁ ସୁନା ଅଳଙ୍କାର ଓ ନଗଦ ଟଙ୍କା ସହ କିଛି ସାମଗ୍ରୀ ନେଇ ଚମ୍ପଟ ମାରିଛନ୍ତି । ଗୁରୁବାର ସନ୍ଧ୍ୟାରେ ଡାକ୍ତର ଘରକୁ ଫେରିବା ପରେ ଚୋରି ହୋଇଥିବା ଜାଣି ପୁଲିସକୁ ଖବର ଦେଇଥିଲେ । ଗୁରୁବାର ରାତିରେ ଡା.ଜ୍ୟୋସ୍ନାରାଣୀ ସେଠୀ ଏନେଇ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଘଟଣାର ତଦନ୍ତ ସହ ଆଖପାଖର ସିସିଟିଭି ଫୁଟେଜକୁ ପୁଲିସ ଯାଞ୍ଚ କରୁଛି ।

ଜିରାଙ୍ଗରେ '୫-ଟି' ଅଧ୍ୟକ୍ଷ

# ପଦ୍ମସମ୍ଭବ ମନ୍ଦିରର ସ୍ୱତନ୍ତ୍ର ପୂଜାରେ ହେଲେ ସାମିଲ

ମୋହନା,୧।୨(ସମିସ)





ଗଜପତି ଜିଲ୍ଲା ମୋହନା ବ୍ଲକ ସ୍ଥିତ ଜିରାଙ୍ଗ ପଦ୍ମ ସମ୍ଭବ ବୌଦ୍ଧ ବିହାର ଗୁରୁବାର ପରିଦର୍ଶନ କରିଛନ୍ତି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ପୂର୍ବାହ୍ନ ୧୧ଟାରେ ହେଲିକପ୍ଟର ଯୋଗେ ଭୁବନେଶ୍ୱରରୁ ଆସି ଜିରାଙ୍ଗ ମନ୍ଦିର ପରିସରରେ ଥିବା ଅସ୍ଥାୟୀ ହେଲିପ୍ୟାଡରେ ସେ ଅବତରଣ କରିଥିଲେ । ଏହାପରେ ବୌଦ୍ଧ ମନ୍ଦିରରେ ଚାଲିଥିବା ତିବ୍ବତୀୟଙ୍କ ଏକ ସ୍ୱତନ୍ତ୍ର ପୂଜାରେ ଯୋଗ ଦେଇଥିଲେ । ବୌଦ୍ଧ ମନ୍ଦିରରେ ପହଞ୍ଚିବା ପରେ ତାଙ୍କୁ ବୌଦ୍ଧ ସନ୍ନ୍ୟାସୀ ଓ ଜିଲ୍ଲା ପ୍ରଶାସନହ ଅଧିକାରୀ ବିପୁଳ ସ୍ୱାଗତ ଜଣାଇଥିଲେ । ଏହାପରେ ସେ କିଛି ସମୟ ମନ୍ଦିରରେ ବୁଦ୍ଧଙ୍କ ମୂର୍ତ୍ତି ଆଗରେ ଧ୍ୟାନ ମୁଦ୍ରାରେ ବସି ପ୍ରାର୍ଥନା କରିଥିଲେ । ମନୁଷ୍ୟ ଜୀବନର ଦୀର୍ଘାୟୁ କାମନା କରି ତିବ୍ବତୀୟ ୮ ଦିନ ହେଲା ଏକ ସ୍ୱତନ୍ତ୍ର ପୂଜା କରୁଛନ୍ତି । ଗୁରୁବାର ଏହି ପୂଜାର ଶେଷ ଦିନ ଥିବାବେଳେ ଅତିଥି ଭାବେ ଯୋଗ ଦେଇଥିଲେ '୫-ଟି' ଅଧ୍ୟକ୍ଷ । ତିବ୍ବତୀୟ ବୌଦ୍ଧ ମନ୍ଦିରର ବିକାଶ ପାଇଁ ରାଜ୍ୟ ସରକାର ପୂର୍ବରୁ ୨ କୋଟି ୮୯ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ଶ୍ରୀ ପାଣ୍ଡିଆନଙ୍କ ଗସ୍ତକୁ ନେଇ ତିବ୍ବତୀୟଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଛି । ରାଜ୍ୟ ସରକାର ତିବ୍ବତୀୟଙ୍କ ପାଇଁ ଅନେକ ଅନୁଦାନ ପ୍ରଦାନ କରିବା ସହ ରାସନ କାର୍ଡ, ଭୋଟର କାର୍ଡ, ଭତ୍ତା ପ୍ରଦାନ ପାଇଁ ବ୍ୟବସ୍ଥା କରିଛନ୍ତି । ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି ଜିରାଙ୍ଗ ବୌଦ୍ଧ ମନ୍ଦିରର ମୁଖ୍ୟ ଗୁରୁଜୀ । ଏହି ସ୍ୱତନ୍ତ୍ର ପୂଜାରେ ଦେଶ ବିଦେଶର ବହୁ ବୌଦ୍ଧ ଧର୍ମାବଲମ୍ବୀ ଯୋଗଦେଇ ପୂଜାର୍ଚ୍ଚନା କରିଛନ୍ତି । ଆମେରିକାରୁ ୨ ଜଣ, ରୁଷିଆରୁ ୧୪ ଜଣ, ଫ୍ରାନ୍ସରୁ ଜଣେ ଓ ସ୍ୱିଜରଲାଣ୍ଡ ରୁ ୨ ଜଣ ବୌଦ୍ଧ ଧର୍ମାବଲମ୍ବୀ ଯୋଗ ଦେଇଥିବା ବେଳେ ନେପାଳ, ଭୁଟାନ, ତିବ୍ବତ ଆଦି ବିଭିନ୍ନ ଦେଶର ବୌଦ୍ଧ ଧର୍ମାବଲମ୍ବୀ ମଧ୍ୟ ଏହି ପୂଜାରେ ଯୋଗ ଦେଇଛନ୍ତି । ଏହି ପୂଜାରେ ଯୋଗଦେଇ ଖୁସି ଅନୁଭବ କରିଥିବା କହିଛନ୍ତି ବିଦେଶରୁ ଆସିଥିବା ବୌଦ୍ଧ ଧର୍ମାବଲମ୍ବୀ ସେହିପରି '୫-ଟି' ଅଧ୍ୟକ୍ଷ ଏହି ପୂଜାରେ ଯୋଗ ଦେଇଥିବା ଯୋଗୁଁ ଖୁସି ବ୍ୟକ୍ତ କରିଛନ୍ତି ସ୍ଥାନୀୟ ତିବ୍ବତୀୟ। ଗତ ଜୁଲାଇ ମାସରେ ଶେଷ ଥର ପାଇଁ ଜିରାଙ୍ଗ ଗସ୍ତରେ ଆସିଥିଲେ '୫-ଟି' ଅଧ୍ୟକ୍ଷ । ସେତେବେଳେ ଜିରାଙ୍ଗ ବୌଦ୍ଧ ମନ୍ଦିର ବିକାଶ ସହ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ଅନୁଦାନ ଘୋଷଣା କରିଥିଲେ । ଗୁରୁବାର ପୁଣି ଥରେ '୫-ଟି' ଅଧ୍ୟକ୍ଷ ଆସିଥିବା ଯୋଗୁଁ ଏହାର ଆହୁରି ବିକାଶ ପାଇଁ ଆଶା ବାନ୍ଧିଛନ୍ତି ତିବ୍ବତୀୟ ଶରଣାର୍ଥୀ ।

## ଆସିକା ଚିନିକଳରେ ଆଖୁପେଡ଼ା ଆରମ୍ଭ



**ଆସିକା,୧।୨(ସମିସ):** ଆସିକା ଚିନିକଳରେ ଚଳିତବର୍ଷର ଆଖୁପେଡ଼ା ଆରମ୍ଭ ହୋଇଛି । ଚଳିତ ବର୍ଷ ଆଖୁ ଚାଷୀଙ୍କୁ ଶୀଘ୍ର କଟିଙ୍ଗ ଅର୍ଡର ଦିଆଯାଇଥିବାରୁ ଚାଷୀ ଆଖୁକୁ କାଟି ଚିନିକଳକୁ ଧାର୍ଯ୍ୟ ସମୟରେ ଯୋଗାଇବାକୁ ସ୍ଥିର କରିଛନ୍ତି । ସେହିପରି ଚାଷୀଙ୍କୁ ସୁହାଇବା ଭଳି ବିଭିନ୍ନ ବ୍ୟବସ୍ଥା କରାଯାଇଥିବାରୁ ଭଲ ଦୁଇ ପଇସା ରୋଜଗାର କରିବା ଆଶାରେ ମଧ୍ୟ ଚାଷୀ ରହିଛି । ଚିନିକଳ କର୍ତ୍ତୃପକ୍ଷ ପକ୍ଷରୁ ଆଖୁ ଚାଷୀଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ ବୋଲି କହିଛନ୍ତି ଚିନିଶିଳ୍ପ ପରିଚାଳନା ପରିଷଦ ନିର୍ଦ୍ଦେଶକ ଗାୟତ୍ରୀ ଦତ୍ତ ନାୟକ । ଚଳିତବର୍ଷ ଆଖୁ ଟନ ପିଛା ୩୦୮୦ ଟଙ୍କା ସହ ପରିବହନ ଖର୍ଚ୍ଚ ମଧ୍ୟ ଯୋଗାଇ ଦିଆଯିବା ସହ ୪୫ ହଜାର ମେଟ୍ରିକ ଟନ ଆଖୁ ପେଡିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।

## ଜାତୀୟ ରାଜପଥ ଅବରୋଧରୁ ଅସନ୍ତୋଷ



**ଗଞ୍ଜାମ,୧।୨(ସମିସ):** ଗଞ୍ଜାମ ଥାନା ସମ୍ମୁଖରେ ପାଳିବନ୍ଧ ପଞ୍ଚାୟତକୁ ରହିଥିବା ମୁଖ୍ୟ ରାସ୍ତାଟିକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ବନ୍ଦ କରିଦେଇଛନ୍ତି । ଫଳରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପରିଲକ୍ଷିତ ହୋଇଛି । ଉକ୍ତ ରାସ୍ତା ଦେଇ ପୁରୁଣାବନ୍ଧ, ପାଳିବନ୍ଧ, ବିଞ୍ଝଣାପଲ୍ଲୀ, କୁଣ୍ଡାପୁଟ, ଗଞ୍ଜାମ ଏନଏସିର ବରପଲ୍ଲୀ ପ୍ରମୁଖ ଗ୍ରାମର ମୁଖ୍ୟ ରାସ୍ତା ଅଟେ । ଉକ୍ତ ରାସ୍ତା ୧୬ନମ୍ବର ଜାତୀୟ ରାଜପଥ ଦେଇ ପ୍ରତ୍ୟହ ପୁରୁଣାବନ୍ଧର ଶତାଧିକ ମହିଳା ଓ ପୁରୁଷ ମାଛ ବ୍ୟବସାୟ ଉଦ୍ଦେଶ୍ୟରେ ବିଭିନ୍ନ ଅଞ୍ଚଳକୁ ଅଟୋ ବାଇକରେ ଯିବାଆସିବା କରିଥାନ୍ତି । ଏପରିକି ସମସ୍ତ ଅଞ୍ଚଳବାସୀଙ୍କ ମୁଖ୍ୟ ରାସ୍ତାଟି ବନ୍ଦ ହୋଇଯାଇଥିବାରୁ ଯିବା ଆସିବା କ୍ଷେତ୍ରରେ ଉକ୍ତ ୫ ଖଣ୍ଡ ଗ୍ରାମବାସୀଙ୍କ ବଡ଼ ସମସ୍ୟା ଭାବେ ଉଭା ହୋଇଛି । ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହେଉଥିବାରୁ ଉକ୍ତ ରାସ୍ତା ଅବରୋଧ ହଟା ନହେଲେ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ନେଇ ମତ ପ୍ରକାଶ ପାଉଛି ।

ଯୁବତୀଙ୍କୁ ପ୍ରତାରଣା

## ପ୍ରେମିକର ଘର ସାମ୍ନାରେ ପ୍ରେମିକାଙ୍କ ଧାରଣା



**କବିସୂର୍ଯ୍ୟନଗର,୧।୨(ସମିସ):** ପ୍ରଥମେ ପ୍ରେମ, ତାପରେ ଶାରୀରିକ ସମ୍ପର୍କ ଶେଷରେ ପ୍ରତାରଣା । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କବିସୂର୍ଯ୍ୟନଗର ଥାନା ଏମ. ଚାମ୍ପେଇତପୁର ଗାଁରେ । ଏମ. ଚାମ୍ପେଇତପୁର ମୁଖ୍ୟ ରାସ୍ତାରେ ବାସ କରନ୍ତି ବିସ୍ତାପ । ସାତ ବର୍ଷ ତଳୁ ସେ ଚମ୍ପେଇତପୁର ଗାଁର ଟୁଲୁ ଗୌଡ଼ଙ୍କୁ ଭଲ ପାଇ ଆସୁଥିଲେ । ଏହି ପ୍ରେମ ସମ୍ପର୍କ ପରେ ଶାରୀରିକ ସମ୍ପର୍କର ଗଢ଼ି ଉଠିଥିଲା । କିନ୍ତୁ ବିସ୍ତାପର ମାବାପା ଝିଅର ଭଲପାଇବାରେ ଅଙ୍କ ଥିବାରୁ କବିସୂର୍ଯ୍ୟନଗର ବ୍ଲକ ବାଉଁସିଆ ଗ୍ରାମର ଜୈନକ ଘରେ ବାହା ଦେଇଥିଲେ । ସେ ସୁଦୂର ସୁରଟରେ କାମ କରନ୍ତି । ଏହାର ସୁଯୋଗ ନେଇ ଟୁଲୁ ବେଳେବେଳେ ବାଉଁସିଆ ଯାଇଥାଏ କିମ୍ବା ବିସ୍ତାପ ନିଜ ମା' ଘରକୁ ଆସିଥାଏ । ଟୁଲୁ ୩ ବର୍ଷ ତଳେ ବିବାହ କରିଥିବାବେଳେ ତାଙ୍କର ଗୋଟିଏ ଝିଅ ରହିଛି । ତେବେ ଗତ ୯ଦିନ ତଳେ ବିସ୍ତାପ ଘରକୁ ଟୁଲୁ ଯାଇଥିଲା । ସେଠାରେ ଧରାପଡିବା ସହ ମାଡ଼ ଦେଇଥିଲେ ବିସ୍ତାପର ଦିଅର । ଦିଅର ଏଭଳି ଭାଉଜର କୁକର୍ମ ଦେଖି ଭାଉଜ ବିସ୍ତାପ ଓ ଟୁଲୁକୁ ଆଣି ଚାମ୍ପେଇତପୁର ଗାଁରେ ଅର୍ଥାତ ଟୁଲୁ ଘରେ ଛାଡି ଦେଇଥିଲା । ଟୁଲୁ ବି କଥା ଦେଇଥିଲା ସେ ରଖିବ ବୋଲି । ହେଲେ ସେ ବର୍ତ୍ତମାନ ଏଥିରେ ଅରାଜି ହେବାରୁ ଟୁଲୁକୁ ପାଇବା ଆଶାରେ ବିସ୍ତାପ ବସିଛି ବାରଣ୍ଡାରେ । କିନ୍ତୁ ପୁଲିସ ପାଖରେ ଖବର ନାହିଁ କି ବିସ୍ତାପ ବି ପୁଲିସକୁ କୌଣସି ଅଭିଯୋଗ ଦେଇ ନ ଥିବା କହିଛି ।

- ୭୩ତମ ଜାତୀୟ ଜୁନିଅର ବାସ୍କେଟବଲ୍ ଚାମ୍ପିଅନ୍‌ସିପ୍

## ଓଡ଼ିଶା ଦଳରେ ଗଞ୍ଜାମରୁ ୩ ବାଳିକା, ୨ ବାଳକ ସାମିଲ



**ବ୍ରହ୍ମପୁର, ୧।୨(ସମିସ):** ଆସନ୍ତା ୪ ତାରିଖ ଠାରୁ ୧୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ କିଟ୍ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ହେବ ୭୩ ତମ ଜାତୀୟ ଜୁନିଅର ବାସ୍କେଟବଲ ଚାମ୍ପିଅନ୍ସିପ । ଓଡ଼ିଶା ବାସ୍କେଟବଲ ସଂଘର ସହଯୋଗରେ ବାସ୍କେଟବଲ ଫେଡରେସନ ଅଫ୍ ଇଣ୍ଡିଆ ଏହି ଜାତୀୟ ସ୍ତରୀୟ ପ୍ରତିଯୋଗିତାର ଆୟୋଜନ କରୁଛି । ଏହି ଜାତୀୟ ସ୍ତରର ପ୍ରତିଯୋଗିତାରେ ଭାଗ ନେବାକୁ ଗଠିତ ଓଡ଼ିଶା ଦଳର ଉଭୟ ବାଳକ ଓ ବାଳିକା ବିଭାଗରେ ଗଞ୍ଜାମରୁ ମୋଟ ୫ ଜଣ ଖେଳାଳୀ ଚୟନ ହୋଇଛନ୍ତି । ଜୁନିଅର ବାଳକ ଯତୀନ କୁମାର ବାରିକ ଓ ବିଶ୍ୱନାଥ ସୀସା ଉଭୟେ ସ୍ପୋର୍ଟସ ହଷ୍ଟେଲରୁ ଦଳରେ ସାମିଲ ହୋଇଥିବା ବେଳେ ଜୁନିଅର ବାଳିକା ଦଳରେ ବିଦ୍ୟା ବାସୁମତି ପାତ୍ର, ନୂତନ ନାୟକ ଓ ସୌମ୍ୟା ସୁମନ ସ୍ଥାନ ପାଇଥିବା ଗଞ୍ଜାମ ଜିଲ୍ଲା ବାସ୍କେଟବଲ ସଂଘର ସମ୍ପାଦକ ଶରତ ମହାପାତ୍ର ସୂଚନା ଦେଇଛନ୍ତି ।

## ତିନି ଦଶନ୍ଧି ପରେ ସହପାଠୀ ଏକଜୁଟ



**ବ୍ରହ୍ମପୁର, ୧।୨ (ସମିସ):** ୩୦ ବର୍ଷ ପୂର୍ବେ ଏକାଠି ହୋଇ ପାଠ ପଢୁଥିଲେ । ଇତିମଧ୍ୟରେ ସମସ୍ତେ ବିଭିନ୍ନ ପଦପଦବୀରେ ଅବସ୍ଥାପିତ । ତେବେ କେହି କାହାକୁ ଭୁଲି ନାହାନ୍ତି । ଗତ ୨୮ ତାରିଖ ଦିନ ବ୍ରହ୍ମପୁର ୟୁନିଭରସିଟିର SMIT, BLISc ୧୯୯୧ ବ୍ୟାଚର ସହପାଠୀମାନେ ଭୁବନେଶ୍ୱରସ୍ଥିତ ଜୟଦେବ ବାଟିକାରେ ପରିବାର ସହ ଏକଜୁଟ ହୋଇଥିଲେ । ଏହି ବନ୍ଧୁମିଳନରେ ୪୦ରୁ ଊର୍ଦ୍ଧ୍ୱ ବନ୍ଧୁ ଓ ତାଙ୍କ ପରିବାର ସହ ଏକାଠି ହୋଇଥିଲେ । ଏହାର ଆୟୋଜନ ପାଇଁ ସସ୍ମିତା, ପ୍ରଣତି, ମାଳତୀ, ଗୀତା, ଓ ସ୍ମୃତି ପ୍ରମୁଖ ଭୂମିକା ନେଇଥିଲେ । ସମସ୍ତ ସହପାଠୀ ନିଜେ ଓ ତାଙ୍କ ପରିବାର ବିଷୟରେ କହିଥିଲେ । ସତ୍ୟଜିତ ଓ ପ୍ରଭାତଙ୍କ ସୁଲଳିତ ସଂଗୀତ ସମସ୍ତଙ୍କୁ ମନମୁଗ୍ଧ କରିଥିଲା । ଏହି ବନ୍ଧୁମିଳନରେ ବିଭୁ, ପ୍ରକାଶ, ସନ୍ତୋଷ, ଅସିତ, ଦିଲ୍ଲୀପ, କର୍ମୀ, ସୁଶାନ୍ତ, ଉଦୟ, ଓ ହିରଣ୍ୟ ସହଯୋଗ କରିଥିଲେ ।

ଚିକିତ୍ସା ଅବହେଳାରୁ ହଷ୍ଟେଲ ଛାତ୍ରୀଙ୍କ ମୃତ୍ୟୁ

## ୫ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

ଫୁଲବାଣୀ/ଖଜୁରିପଡ଼ା,୧।୨(ସମିସ)

ଅବ୍ୟବସ୍ଥା ମଧ୍ୟରେ ଚାଲିଛି କନ୍ଧମାଳ ଜିଲ୍ଲାର ବିଭିନ୍ନ ସେବାଶ୍ରମ । କେଉଁଠି ନାବାଳିକା ଛାତ୍ରୀ ଗର୍ଭବତୀ ହେଉଛନ୍ତି ତ କେଉଁଠି କର୍ତ୍ତୃପକ୍ଷଙ୍କ ଅବହେଳାରୁ ଯାଉଛି ଅନ୍ତେବାସୀଙ୍କ ଜୀବନ । ଏଭଳି ଆଉ ଏକ ଘଟଣା ଘଟିଛି ଖଜୁରୀପଡା ବ୍ଲକ ବିଲାବାଡି ପଞ୍ଚାୟତରେ । ପ୍ରଧାନ ଶିକ୍ଷକଙ୍କ ଖାମଖିଆଲି ନୀତି ଏବଂ ଚିକିତ୍ସା ଅବହେଳା କାରଣରୁ ଜଣେ ହଷ୍ଟେଲ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକ । ଏପରିକି ଏକଥା କାହାକୁ ନ କହିବା ପାଇଁ ପ୍ରଧାନ ଶିକ୍ଷକ ଲାଞ୍ଚ ଯାଚିଥିବା ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ପରିବାର ଲୋକେ । ଘଟଣାକୁ ୫ ଦିନ ପରେ ମଧ୍ୟ ପ୍ରଶାସନିକ କ୍ଷେତ୍ରରେ କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଜିଲ୍ଲା ମଙ୍ଗଳ ଅଧିକାରୀ ଅତିରିକ୍ତ ମଙ୍ଗଳ ଅଧିକାରୀଙ୍କୁ ତଦନ୍ତ ନର୍ଦ୍ଦେଶ ଦେଇଥିବା ବେଳେ କେହି ବି ମୃତ ଛାତ୍ରୀଙ୍କ ପରିବାର ପାଖରେ ଏପର୍ଯ୍ୟନ୍ତ ପହଞ୍ଚିନାହାନ୍ତି । ମୃତ ଛାତ୍ରୀ ଜଣକ ହେଲେ ବିଲାବାଡି ପଞ୍ଚାୟତ କୁଟିବାରୀ ଗାଁର ମମିତା ଦେହୁରୀ(୧୭) ।

ସୂଚନା ଅନୁଯାୟୀ, ମମିତା ବିଲାବାଡି ସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନସ୍ଥ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଥିଲେ । ଶୀତ ଛୁଟିରେ ଘରକୁ ଆସି କିଛି ଦିନ ରହିବା ପରେ ହଷ୍ଟେଲକୁ ଫେରିଥିଲେ । ୨୩ ତାରିଖ ଦିନ ମମିତା ଅସୁସ୍ଥତା ଅନୁଭବ କରିଥିଲେ । ତେବେ ବିଦ୍ୟାଳୟ କର୍ତ୍ତୃପକ୍ଷ ଚିକିତ୍ସା ପାଇଁ କୌଣସି ପଦକ୍ଷେପ ନେଇ ନ ଥିଲେ । ସ୍ୱାସ୍ଥ୍ୟ ଗୁରୁତର ହେବାରୁ ୨୪ ତାରିଖ ପ୍ରଧାନ ଶିକ୍ଷକ ମମିତାକୁ ଡାକ୍ତରଖାନା ନେବା ପରିବର୍ତ୍ତେ ଝିଅକୁ ଘରକୁ ନେଇଯିବା ପାଇଁ ପରିବାର ଲୋକଙ୍କୁ ଖବର ଦେଇଥିଲେ । ଏକ ଅଟୋ ରିକ୍ସାରେ





- ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ତଦନ୍ତ ନିର୍ଦ୍ଦେଶ
- ମୁହଁ ବନ୍ଦ ରଖିବାକୁ ପରିବାର ଲୋକଙ୍କୁ ପ୍ରଧାନ ଶିକ୍ଷକଙ୍କ ଅର୍ଥ ପ୍ରଲୋଭନ

ଅସୁସ୍ଥ ମମିତାକୁ କରଡ଼ା ବଣିଆ ଘାଟିରେ ଆଣି ଛାଡ଼ି ଦେଇଥିଲେ ପ୍ରଧାନ ଶିକ୍ଷକ । ସେଠାରୁ ଆଉ ରାସ୍ତା ନ ଥିବାରୁ ବାଧ ହୋଇ ବାପା ବ୍ରହ୍ମା ଦେହୁରୀ ପ୍ରାୟ ୪ କିମି ବାଟ ଝିଅକୁ କାନ୍ଧରେ ବୋହି ଘରକୁ ନେଇଥିଲେ । ଆଖ ପାଖ ଅଞ୍ଚଳରେ କୌଣସି ଡାକ୍ତରଖାନା ନ ଥିବାରୁ ଘରେ ରଖି ଚିକିତ୍ସା କରୁଥିବା ବେଳେ ୨୭ ତାରିଖ (ଶନିବାର) ଦିନ ଝିଅର ମୃତ୍ୟୁ ହୋଇଥିଲା ।୨୮ ତାରିଖ ଦିନ ପ୍ରଧାନ ଶିକ୍ଷକ ସମୀର କୁମାର ପାଢୀ ନିଜ ସହକର୍ମୀଙ୍କୁ ଧରି ମୃତ ଛାତ୍ରୀଙ୍କ ଘରକୁ ଯାଇ ୨ ହଜାର ଟଙ୍କା ଦେଇ ସମ୍ପର୍କରେ କାହାକୁ କିଛି ନ କହିବା ପାଇଁ କହିଥିଲେ ବୋଲି ଅଭିଯୋଗ କରିଛନ୍ତି ମୃତ ମାମିତାଙ୍କ ମା' ସୁମତି ଦେହୁରୀ । ସୁମତୀଙ୍କ କହିବା ଅନୁଯାୟୀ, ଆମେ ଗରିବ ଲୋକ ଚାଷ ବାସ ସହିତ ମୂଲ ମଜୁରୀ କରି ଚାରି ପ୍ରାଣୀ କୁଟୁମ୍ବ ଚଳୁଥିଲୁ । ଦିନରାତି ପରିଶ୍ରମ କରି ପୁଅଝିଅଙ୍କୁ ପାଠ ପଢେଇ ଭଲ ମଣିଷ କରିବା ପାଇଁ ସ୍ୱପ୍ନ ଦେଖିଥିଲୁ । ସେଥି ପାଇଁ ବଡ ଝିଅ ମମିତାଙ୍କୁ ବିଲାବାଡ଼ି ଆଶ୍ରମ ସ୍କୁଲରେ ନାମ ଲେଖାଇ ପାଠ ପଢାଉ ଥିଲୁ । କିନ୍ତୁ ପ୍ରଧାନ ଶିକ୍ଷକଙ୍କ ଅବହେଳାରୁ ଝିଅର ଜୀବନ ଚାଲିଗଲା ବୋଲି ଦୁଃଖର ସହ ପ୍ରକାଶ କରିଛନ୍ତି ବାପା ମା ।

ଏ ନେଇ ଖଜୁରୀପଡା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାଜେଶ୍ ମୁର୍ମୁଙ୍କୁ ପ୍ରଶ୍ନ କରାଯିବାରେ ସେ ଏ ସମ୍ବନ୍ଧରେ ଅବଗତ ନ ଥିବା ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ପ୍ରଧାନ ଶିକ୍ଷକ କହିଛନ୍ତି, ସ୍ୱାସ୍ଥ୍ୟ ବିଭାଗ ଟିମ୍ ଆସି ୧୬ ତାରିଖରେ ଝିଅର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ସେ ସମୟରେ ସବୁ ରିପୋର୍ଟ ଠିକ୍ ଥିଲା ବୋଲି କହିଛନ୍ତି ପ୍ରଧାନ ଶିକ୍ଷକ । ୨୩ ତାରିଖ ଦିନ ଝିଅ ଅସୁସ୍ଥ ଥିବା ତାଙ୍କ ପରିବାରଙ୍କୁ ସୂଚନା ଦିଆଯାଇଥିଲା ଏବଂ ୨୪ ତାରିଖ ଦିନ ଅଟୋ ଯୋଗେ ତାଙ୍କ ଘରକୁ ନେବା ବେଳେ ରାସ୍ତା ସମସ୍ୟା ଥିବାରୁ ଅଟୋ ଚାଳକ କରଡ଼ାବଣିଆ ଘାଟିରେ ଓହ୍ଲାଇ ଦେଇଥିବା କହିଛନ୍ତି । ତେବେ ଅସୁସ୍ଥ ଛାତ୍ରୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବା ବଦଳରେ ଘରକୁ ପଠାଇ ଦେବା କେତେଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ ଉଠୁଛି । ଛାତ୍ରୀଙ୍କ ଦେହ ଗତ କିଛି ଦିନ ଧରି ଅସୁସ୍ଥ ଥିଲେ ବି ଏ ନେଇ ତାଙ୍କ ପରିବାର ଲୋକଙ୍କୁ ମଧ୍ୟ ଠିକ ସମୟରେ ଅବଗତ କରାଯାଇ ନ ଥିବା ଅଭିଯୋଗ ହେଉଛି । ଠିକ ସମୟରେ ଚିକିତ୍ସା କରାଯାଇଥିଲେ ଝିଅର ଜୀବନ ଯାଇ ନ ଥାଆନ୍ତା ବୋଲି ପରିବାର ଲୋକେ କହୁଛନ୍ତି । ତେଣୁ କର୍ତ୍ତବ୍ୟରେ ଖିଲାପ କରିଥିବା ପ୍ରଧାନ ଶିକ୍ଷକ ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଅସହାୟ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ବିଲାବାଡି ସରପଞ୍ଚ ରବୀନ୍ଦ୍ର ଭୁକ୍ତା ଦାବି କରିଛନ୍ତି । ଏଥିରେ ଖିଲାପ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଜିଲ୍ଲା ମଙ୍ଗଳ ଅଧିକାରୀ ରବି ନାରାୟଣ ମିଶ୍ର କହିଛନ୍ତି,ଘଟଣାର ତଦନ୍ତ ଭାର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀଙ୍କୁ ଦିଆଯାଇଛି । ଯଥାଶୀଘ୍ର ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ରତୁଙ୍ଗିଆରେ ବିଜେଡି କର୍ମୀ ସମ୍ମିଳନୀ



**ବାଲିଗୁଡା,୧।୨(ସମିସ):** ବାଲିଗୁଡା ବ୍ଲକ ରତୁଙ୍ଗିଆ ପଞ୍ଚାୟତସ୍ତରୀୟ ଡଲାବାଲିରେ ବିଜେଡି କର୍ମୀ ସମ୍ମିଳନୀ ଓ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା । ଏଥିରେ ବାଲିଗୁଡା ବ୍ଲକ ବିଜେଡି ସଭାପତି ଟୁନା ଦାସ ମୁଖ୍ୟଅତିଥି ରୂପେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ କଲ୍ୟାଣ ଯୋଜନା ସମ୍ପର୍କରେ କର୍ମୀଙ୍କୁ ଅବଗତ କରିଥିଲେ । ଅନ୍ୟତମ ଅତିଥି ଭାବେ ବାଲିଗୁଡା ବିଧାୟକ ଚକ୍ରମଣି କହଁର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଳିକ, ତୁମୁଡିବନ୍ଧ ବ୍ଲକ ସାଂସଦ ପ୍ରତିନିଧି ପ୍ରମୋଦ ସାହୁ, କ.ନୂଆଗାଁ ସାଂସଦ ପ୍ରତିନିଧି ସହଦେବ ପାତ୍ର, ଏନଏସି ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ନଗର ସଭାପତି ଅବନୀକାନ୍ତ ନାୟକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ପ୍ରଧାନ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ । କର୍ମୀ ସମ୍ମିଳନୀରେ ବିଭିନ୍ନ ଦଳ ତ୍ୟାଗ କରି ମୁଖ୍ୟମନ୍ତ୍ରୀଙ୍କ ବିକାଶ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବହୁକର୍ମୀ ବିଜେଡିରେ ଯୋଗ ଦେଇଥିଲେ ।

## ତିନି ପଞ୍ଚାୟତକୁ ମିଳିଲା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ଫୁଲବାଣୀ,୧।୨(ସମିସ):** ରାଜ୍ୟରେ ଶିକ୍ଷାର ବିକାଶ ଓ ଏହି କାର୍ଯ୍ୟରେ ନିୟୋଜିତ ଶିକ୍ଷକ, କର୍ମଚାରୀ ଓ ଅନୁଷ୍ଠାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାର ନୂତନ ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନା ଲାଗୁ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି । କନ୍ଧମାଳ ଜିଲ୍ଲାର ଫୁଲବାଣୀ ବ୍ଲକ ଅନ୍ତର୍ଗତ କେରେଡି ସରପଞ୍ଚ ବିନିତା ପ୍ରଧାନ ରାଜ୍ୟ ସ୍ତରୀୟ ପୁରସ୍କାର ହାସଲ କରିଥିବା ବେଳେ ତୁଡିପାଜୁ ସରପଞ୍ଚ କୌଶଲ୍ୟା କହଁର ଓ ଟିକାବାଲି ବ୍ଲକ ପିକରଡି ସରପଞ୍ଚ ରୁବି ପ୍ରଧାନଙ୍କୁ ଜିଲ୍ଲା ସ୍ତରୀୟ ପୁରସ୍କାର ମିଳିଛି । ସେହିଭଳି କେରେଡି ପଞ୍ଚାୟତ ନିର୍ବାହୀ ଅଧିକାରୀ ରମେଶ ଚୌଧୁରୀଙ୍କୁ ରାଜ୍ୟସ୍ତରରେ ପୁରସ୍କୃତ କରାଯାଇଥିବା ବେଳେ ତୁଡିପାଜୁ ନିର୍ବାହୀ ଅଧିକାରୀ ମାନସରଞ୍ଜନ ପାଣିଗ୍ରାହୀ ଓ ପିକରଡି ନିର୍ବାହୀ ଅଧିକାରୀ ପ୍ରତ୍ୟୁଷ କୁମାର ବେହେରାଙ୍କୁ ଜିଲ୍ଲା ସ୍ତରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କୃତ କରାଯାଇଛି । ଫୁଲବାଣୀ ଏଜେଓ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦକୁ ମଧ୍ୟ ମିଳିଛି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର । ନିଜ ନିଜ ପଞ୍ଚାୟତରେ ଶିକ୍ଷାର ବିକାଶ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଯୋଗୁଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ଏହି ପୁରସ୍କାର ଯୋଜନାରେ କନ୍ଧମାଳ ଜିଲ୍ଲାର ସମୁଦାୟ ୫୪ ଜଣ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେଥି ମଧ୍ୟରେ ଶିକ୍ଷକ, ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି, ପୁରାତନ ଛାତ୍ର ସଂସଦ ରହିଛନ୍ତି ।

